Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 253
Saturday, 21 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୧ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୈତ୍ଥ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଗୋପାଳପୁର ନିକଟବର୍ତ୍ତି ଅଞ୍ଚଳରେ ଲ୍ୟାଣ୍ଡଫଲ କଲା ବାତ୍ୟା 'ଅକଓ୍ୱାନ'

ଭୁବନେଶ୍ୱର, ୨୦/୧୧ (ଆ.ପ୍ର) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅକଓ୍ୱାନ' ଆଜି ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏବେ ଏହା ବଙ୍ଗଳି ଉପକୂଳ ଓଡ଼ିଶା ଉପରେ ସକ୍ରିୟ ରହିଥିବାରେ ରାଜ୍ୟର ପ୍ରଶାସନିକ ତତ୍ପରତା ଯୋଗୁଁ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି । ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୩.୭୨ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଜି ସକାଳ ୮ଟା ୩୦ ସମୟରେ ଘଂଟାପ୍ରତି ପ୍ରାୟ ୬୫ କିଲୋମିଟର ବେଗର ପବନ ସହ ବାତ୍ୟା ରୂପେ ଥିବା ଅକଓ୍ୱାନ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବା ପରେ ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେଇଛି । ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ଏହି ଗଭୀର ଅବପାତ ଗୋପାଳପୁରଠାରୁ ୮୦ କିମି ଉତ୍ତର, ଅନୁଗୁଳଠାରୁ ୯୦ କିମି ପଶ୍ଚିମ-ଦକ୍ଷିଣପଶ୍ଚିମ ଓ ପୁରୀଠାରୁ ୧୦୦ କିମି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇ ଘଂଟାପ୍ରତି ୧୫ କିମି ବେଗରେ ଉତ୍ତର ଦିଗକୁ ଗତି କରୁଛି । ଆଗାମୀ ୩ ଘଂଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ଅବପାତ ଓ ପରବର୍ତ୍ତୀ ୬ ଘଂଟା ମଧ୍ୟରେ ଏକ ଷଣ୍ଢ ନିମ୍ନଚାପ ଅଞ୍ଚଳରେ ପରିଣତ ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ତରଫ ମୃତ୍ୟୁଞ୍ଜୟ ମହାପାତ୍ର ଉଣାଶ୍ୱାମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାତ୍ୟା 'ଅକଓ୍ୱାନ' ଆଜି ପୂର୍ବାହ୍ନରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳର ଗୋପାଳପୁର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା ।



ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଂଟା ପ୍ରତି ୭୦ରୁ ୮୦ କିମି ରହିଥିବାବେଳେ ଝଟକା ପବନ ୯୦ କିମି ପର୍ଯ୍ୟନ୍ତ ପହଂଚିଥିଲା । ତେବେ ସ୍ଥଳଭାଗ ଛୁଇଁବା ପରେ ଏହା ପ୍ରଥମେ ଗଭୀର ଅବପାତ ଓ ପରବର୍ତ୍ତୀ ସମୟରେ ଅବପାତରେ ପରିଣତ ହୋଇଛି । ଏତେ ଏହି ସିଷ୍ଟମଟି ଗୋପାଳପୁରଠାରୁ ପ୍ରାୟ ୪୦ କିମି ଭତରରେ, ପୁରୀଠାରୁ ୧୦୦ କିମି ଦକ୍ଷିଣ-ପଶ୍ଚିମରେ ଓ ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରୁ ୧୬୦ କିମି ଉତର-ଉତରପୂର୍ବ ଦିଗରେ କେନ୍ଦ୍ରୀଭୂତ ରହିଛି । ଆଗାମୀ ୬ରୁ ୭ ଘଂଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ଏକ ଷଣ୍ଢ ଚିହ୍ନିତ ଲଘୁଚାପ ଅଞ୍ଚଳରେ ପରିଣତ ହେବ ଓ ଧୀରେ ଧୀରେ ଉତର-ଉତରପୂର୍ବ ଦିଗକୁ ଗତି କରିବ ବୋଲି ପାଣିପାଗ ବିଭାଗ (ଆଇଏମଡି) ତରଫ ମୃତ୍ୟୁଞ୍ଜୟ ମହାପାତ୍ର ଉଣାଶ୍ୱାମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାତ୍ୟା 'ଅକଓ୍ୱାନ'ର ପ୍ରଭାବରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ରେକର୍ଡ କରାଯାଇଛି । ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୪.୬ ମିମିମିଟର ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ାରେ ୬୪.୬ମିମି, ପୁରୀରେ ୬୧.୧ମିମି, ଜଗତସିଂହପୁରରେ ୫୧.୩, ଭଦ୍ରକରେ ୫୦.୯, ମୟୂରଭଞ୍ଜରେ ୪୩.୯, ବାଲେଶ୍ୱରରେ ୪୩.୭ ଓ ଝଟକରେ ୪୦.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ସେହିପରି ଯାଜପୁରରେ ୩୭.୫, ନୟାଗଡ଼ରେ ୩୩.୮, ଲକ୍ଷ୍ମାନରେ ୩୩.୫, ଢେଙ୍କାନାଳରେ ୩୨.୪, କେନ୍ଦୁଝରରେ ୨୯.୮, ଖୋର୍ଦ୍ଧାରେ ୨୪.୫, ଜଲାଙ୍ଗୀରରେ ୨୪.୪ ଓ ଗଜପତିରେ ୨୧.୯ ମିଲିମିଟର ବର୍ଷା ହୋଇଛି । ଅଧିକ ବର୍ଷା ଯୋଗୁଁ ବ୍ରହ୍ମପୁର ଓ ବିପତ୍ତାରିଣୀ ଜଳ ସରଂଚକ ରାସ୍ତାରେ ଜମି ରହିଥିବା ପାଣିକୁ ନିଷ୍କାସନ କରିବା ପାଇଁ ମୋଟର ପମ୍ପ ସହିତ ଦୁଇ ଟିମ୍ ନିୟୋଜିତ ହୋଇଛନ୍ତି । ବାତ୍ୟା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଥିବାରେ ମଧ୍ୟ ସମସ୍ତଙ୍କି ଷ୍ଟାର୍ଟରେ ବିଶେଷ ସୂଚନା ମିଳିପାରି ନାହିଁ । କିଛି ଅଂଚଳରେ ବର୍ଷା ବିଦ୍ୟୁତ ଲାଗି ରହିଥିବାବେଳେ କେତେକ ସ୍ଥାନରେ ଗଛ ଚଢୁଡି ପଡ଼ିଥିବାର ଓ ଜାଲ ଭାଙ୍ଗିଥିବାର ସୂଚନା ମିଳିଛି । ଓଡ଼ାଫ, ଏନଡିଆରଏଫ ଓ ଅଗ୍ନିଶମ ବାହିନୀର ଟିମ୍ ଏବେ ଉଦ୍ଧାର କାର୍ଯ୍ୟ ଓ ରାସ୍ତା ସଫା କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି । ବାତ୍ୟା ପୂର୍ବକ ହେବାପରେ ଅବପାତ ଯୋଗୁ ଲାଗାଣ ବର୍ଷା ଜାରି ରହିଛି । ଏହାର ପ୍ରଭାବରେ ବୁଲ୍ଲନଜଳ ଆଶଙ୍କା ଏବେ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ବୁଲ୍ଲନଜପ୍ରବଣ ଅଂଚଳ ଉପରେ ଅଗ୍ନିଶମ ବିଭାଗ ସତର୍କ ନଜର ରଖିଛି ବୋଲି ଅଗ୍ନିଶମ ବିଭାଗ ଆଜିଠି ଜମାଖଚର ଦାଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବୁଲ୍ଲନଜ ଆଶଙ୍କା ଥିବା ଗାଁଗୁଡ଼ିକର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ଓ କମାଣ୍ଡ କଂଟ୍ରୋଲ୍ ସମସ୍ତ ଷ୍ଟିରେ ନିରନ୍ତର ତତାଖଃ କରାଯାଉଛି । ବର୍ଷା ଯୋଗୁଁ ରାଜ୍ୟର ୫୧ଟି ସ୍ଥାନରେ ଜଳଜମା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଖାତର ପମ୍ପ ସହାୟତାରେ ଅଧିକାଂଶ ସ୍ଥାନରୁ ଜଳ ନିଷ୍କାସନ କରାଯାଇଛି । ସେହିପରି ଗଛ ଉପୁଡ଼ିବା ସେଇ ଆସିଥିବା ୨୬ଟି ଅଭିଯୋଗ ଆଧାରରେ ପ୍ରାୟ ସମସ୍ତ ରାସ୍ତା ସଫା କରାଯାଇସାରିବାବେଳେ ଦାରାସାରିଣୀ ପାଠ ରାସ୍ତାରୁ ଗଛ ଚାଳିବାକୁ ନେଇ ମିଳିତ ଟିମ୍ ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି । ଜଗୁଗାଳାନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସାରା ରାଜ୍ୟରେ ୨୧୬ଟି ଅଗ୍ନିଶମ ଟିମ୍ ସମସ୍ତ ଆବଶ୍ୟକୀୟ ଉପକରଣ ସହ ପ୍ରସ୍ତୁତ ଥିବାବେଳେ ଭୁବନେଶ୍ୱରରେ ୧୫ଟି ଟିମ୍‌କୁ ସ୍ୱତନ୍ତ୍ର ଭାବେ ରିଜର୍ଭ ରଖାଯାଇଛି । ଆଜି ସକାଳେ ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଥିବା ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ସ୍ଥିତି ସମୀକ୍ଷା କରି ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ ।

ବିରୋଧୀଙ୍କ ହଟ୍ଟଗୋଳରେ ବିଧାନସଭା ଅଚଳ



ଭୁବନେଶ୍ୱର : କଂଗ୍ରେସ ରାଜ୍ୟ ସରକାରଙ୍କ ଏକ ଦିବାବରୁ ସମାଧାନ ହୋଇପାରିବ । ଓଡ଼ିଶା ସରକାର ଏଡିକି କଥା କାହିଁକି କରି ପାରୁନାହାନ୍ତି ? ବିଜେପିର କାଙ୍କଟର ଲେଖା, ୫୦ ବର୍ଷ ଭିତରେ କଂଗ୍ରେସ୍ କଣ କରିଛି ଚିଠା ଦିଅନ୍ତୁ । ଟ୍ରିପଲ ଇଞ୍ଜିନ୍ ସରକାର ରେ ଜୋଡିଅପ ବିକାଶ ପାଇଁ ପରେକ୍ଷେପ ନିଆଯାଇଛି । ତାରା, ବିଜେଡି ସରକାର ସମୟରେ ଆମ୍ବାହୁତି ତେବାତନା ଦେଇଥିଲେ ଭଲ ହୋଇଥାନ୍ତା । ଅନ୍ୟପଟେ ତିନି ଦିନ ହେଲାଣି ଗୃହ ସ୍ୱାଭାବିକ ହୋଇପାରୁ ନାହିଁ । ବିଜେଡି ବାତ୍ୟା ବନ୍ୟା ପରିଚାଳନାରେ ବିଫଳତା ନେଇ ଗୃହରେ ସ୍ୱତନ୍ତ୍ର ଆଲୋଚନା ବାବି କରି ହଙ୍ଗାମା କରୁଛି । ସେପଟେ କଂଗ୍ରେସ୍ କୋଟିଆ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡି ବସିଛି । ବିଜେପିର ଜବାବ ବିରୋଧୀଙ୍କ ପାଇଁ ବିଧାନସଭାରେ ଅନେକ ଫୋରମ୍ ଅଛି କିନ୍ତୁ ଗୃହ ନଚଳାଇ ଲୋକଙ୍କ ପ୍ରସଙ୍ଗକୁ ଉଠାର ନାଆଁନ୍ତି । ବାତ୍ୟା ପାଇଁ ସର୍ବତକାୟ ବୈଠକ ନିଷ୍ପତି ନୁମେ ଆବଶ୍ୟକାଳି ବିଧାନସଭାକୁ ବାଚସ୍ପତି ବନ୍ଦ କରିଛନ୍ତି ।

ରାଜସ୍ଥାନ ପଂଚାୟତ ନିର୍ବାଚନରେ ବିଜେପିକୁ ଝଟକା



ନୂଆଦିଲ୍ଲୀ, ୨୦/୧୧ (ନ୍ୟୁ.ଏ): ରାଜସ୍ଥାନ ପଂଚାୟତ ନିର୍ବାଚନରେ କଂଗ୍ରେସର ଦବଦବା । ବିଜେପି ରାଜସ୍ଥାନରେ କ୍ଷମତାରେ ଥିଲେ ହେଁ ଗ୍ରାମାଂଚଳ ନିର୍ବାଚନରେ କମାଲ କରିଛି କଂଗ୍ରେସ । ରାଜସ୍ଥାନର ୪୧ଟି ଜିଲ୍ଲାରୁ ୩୭ଟି ଜିଲ୍ଲାରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ଏକତରଫା ପ୍ରଦର୍ଶନ କରିଛି । ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଠାରୁ ଆରମ୍ଭ କରି ଏକାଧିକ ମନ୍ତ୍ରୀ ଓ ସାଂସଦଙ୍କ ଗଢ଼ରେ ବିଜେପି ମୁହଁପୋଛ ହୋଇଯାଇଛି । ଉଦୟ ଜିଲ୍ଲା ପରିଷଦ ଓ ପଂଚାୟତ ସମିତି ଇଦ୍‌ଗଦେର କଂଗ୍ରେସ ଯଥେଷ୍ଟ ଆଗରେ ରହିଛି । ୩୭ ଜିଲ୍ଲା ମଧ୍ୟରୁ ୨୫ଟି ସ୍ଥାନରେ କଂଗ୍ରେସ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ଦାଦେରବାରୁ ଯାଇଛି । ବିଜେପି କେବଳ ୮ଟି ଜିଲ୍ଲା ଓ ସ୍ୱାଧୀନ ପଦସୁଚିକ ୩ଟି ଜିଲ୍ଲାରେ ବିଜୟ ବାନା ଉଡ଼ାଇଛନ୍ତି । ସେହିପରି ବର୍ତମାନ ସୁଦ୍ଧା ଗଣତି ଶେଷ ହୋଇଥିବା ୫୧୯ଟି ପଂଚାୟତ ସମିତି ମଧ୍ୟରୁ କଂଗ୍ରେସ ୨୧୩ଟି, ବିଜେପି ପାଖକୁ ୩୧୬ଟି, ବିଏସପି ୩ଟି ଓ ଆରଏଲପି ୨ଟି ସ୍ଥାନରେ ବିଜୟ ବାନା ଉଡ଼ାଇଛି । ବିଜେପି ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଥିବା ଝାଟର ସିଂହ ଖାରାଙ୍କୁ ବ୍ୟକ୍ତିଗତ ଭାବେ ଝଟକା ଲାଗିଛି । ତାଙ୍କ ପତ୍ନୀ ଓ ୨ ପୁଅ ସିକାର ଜିଲ୍ଲାର ଶ୍ରୀମାଧୋପୁରରେ ପଂଚାୟତ ସମିତି ନିର୍ବାଚନରେ ପରାସ୍ତ ହୋଇଛନ୍ତି । ଯଦି ରାଜ୍ୟ ନିର୍ବାଚନ କମିଶନ(ସିଇସି) ତର୍ତମାନ ସୁଦ୍ଧା ଜାରି କରିଥିବା ତଥ୍ୟକୁ ଦେଖିବା, ତା'ହେଲେ ବିଜେପି ଉଦ୍ଗମରେ ଥିବା ରାଜସ୍ଥାନର ୨୪୬୩ଟି ପଂଚାୟତ ସମିତି ଓ ୬୬ଟି ଜିଲ୍ଲା ପରିଷଦ କଂଗ୍ରେସ ଜିତି ସାରିଛି । ବିଜେପି ୪୯୫୮ ପଂଚାୟତ ସମିତି ମଧ୍ୟରୁ ୧୫୧୨ଟି ଓ ପଂଚାୟତ ଯୋଖଣା ହୋଇଥିବା ୯୭ଟି ଜିଲ୍ଲା ପରିଷଦ ମଧ୍ୟରୁ କେବଳ ୨୫ଟିରେ ଜିତିବାରୁ ସକ୍ଷମ ହୋଇଛି ।

କାଶ୍ମୀର ଘାଟିରୁ ସଫା ହେଲେ ସ୍ଥାନୀୟ ଆତଙ୍କୀ



ନୂଆଦିଲ୍ଲୀ : କାଶ୍ମୀର ଘାଟିରେ ସ୍ଥାନୀୟ ଆତଙ୍କବାଦୀଙ୍କ ନେଟୱାର୍କକୁ ଏକ ବଡ଼ ଝଟକା ଲାଗିଛି । ଦକ୍ଷିଣ କାଶ୍ମୀରର କୁଲଗାମରେ ଲସ୍କର-ଏ-ତୈବା କମାଣ୍ଡର ମହମ୍ମଦ ଜତିଫ ଭଟଙ୍କ ଉଧମପୁରର ପାଇଡ଼ି ଅଂଚଳରେ । ତାଙ୍କର ସ୍ଥାନକୁ ଏହି ନିଉନ୍ତର ପରିବର୍ତ୍ତନ ତାଙ୍କ ସଠିକ୍ ସ୍ଥାନକୁ ବିସ୍ତୃତ କରିବା ଉଦ୍ଦେଶ୍ୟ କରିଥାଏ । ନିକୁଲ ବିଷୟରେ ସୂତ୍ରରୁ ଏଜେନ୍ସି ଗୁଡ଼ିକ ବିଶେଷ ଗୁରୁତ୍ୱ ଦେଇ ତଦନ୍ତ କରିଥିଲେ ।



ଭୁବନେଶ୍ୱର, ୨୦/୧୧ (ଆ.ପ୍ର) : ବାତ୍ୟା 'ଅକଓ୍ୱାନ' ଓ ଏହା ପ୍ରଭାବରେ ସମସ୍ତ ରାଜ୍ୟରେ ବର୍ଷା ଲାଗି ରହିଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କାତ୍ୟାର କ୍ୟାଣ୍ଡଫଲ୍ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସେହିପରି ବାତ୍ୟା ଅଢଳାନ ସ୍ଥଳଭାଗ ଅତିକ୍ରମ କରିବା ସଂକ୍ରାନ୍ତରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ସଜାଡ଼ିଆ ସମ୍ପୃକ୍ତ ଗ୍ରୁପ ଝଟଉନ କଂଟ୍ରୋଲ୍ ରୁମ୍‌ପାରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ । ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ରହି ସମସ୍ତ ପ୍ରକାର ବୃଦ୍ଧି ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ । ସୂଚନଯୋଗ୍ୟ ଯେ, ବାତ୍ୟା ଅଢଳାନରୁ ସୁରକ୍ଷିତ ରହିବା ନିମନ୍ତେ ଏଯାବତ୍ ପ୍ରାୟ ୩,୭୨,୦୦୦ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରାଯାଇଛି । କୌଣସି ବି ସ୍ଥାନରେ ବର୍ଷା ଯୋଗୁ ପାଣି ଜମିବାର ସୂଚନା ଆସିଲେ ତୁରନ୍ତ ଅଗ୍ନିଶମ ସେବା ବାହିନୀ ପକ୍ଷରୁ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଛି ।

ଏହି ଅଭିଯୋଗ ଆଧାରରେ ପ୍ରାୟ ସମସ୍ତ ରାସ୍ତା ସଫା କରାଯାଇସାରିବାବେଳେ ଦାରାସାରିଣୀ ପାଠ ରାସ୍ତାରୁ ଗଛ ଚାଳିବାକୁ ନେଇ ମିଳିତ ଟିମ୍ ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି । ଜଗୁଗାଳାନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସାରା ରାଜ୍ୟରେ ୨୧୬ଟି ଅଗ୍ନିଶମ ଟିମ୍ ସମସ୍ତ ଆବଶ୍ୟକୀୟ ଉପକରଣ ସହ ପ୍ରସ୍ତୁତ ଥିବାବେଳେ ଭୁବନେଶ୍ୱରରେ ୧୫ଟି ଟିମ୍‌କୁ ସ୍ୱତନ୍ତ୍ର ଭାବେ ରିଜର୍ଭ ରଖାଯାଇଛି । ଆଜି ସକାଳେ ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଥିବା ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ସ୍ଥିତି ସମୀକ୍ଷା କରି ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ ।

ବାତ୍ୟାର ଲ୍ୟାଣ୍ଡଫଲ ସହ ସରକାରଙ୍କ ମୁକାବିଲା ପଦକ୍ଷେପ ଖଣ୍ଡିଶଂରେ ସମୀକ୍ଷା କରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୧୧ (ଆ.ପ୍ର) : ବାତ୍ୟା 'ଅକଓ୍ୱାନ' ସୃଷ୍ଟି ହୋଇଥିବା ଏଜେନ୍ସି ଗୁଡ଼ିକ ବିଶ୍ୱସ୍ତ କରନ୍ତି ଯେ ଉପତ୍ୟାକାରେ କୌଣସି ସକ୍ରିୟ ସ୍ଥାନୀୟ ଆତଙ୍କବାଦୀଙ୍କ ନାମାନ୍ତି । ଲତିଫ ଭଟଙ୍କୁ ଉପତ୍ୟାକାର ଶେଷ ସକ୍ରିୟ ସ୍ଥାନୀୟ ଆତଙ୍କବାଦୀ ବୋଲି ବିବେଚନା କରାଯାଉଥିଲା । ତାଙ୍କର ନିପାତ ପରେ, ସୁରକ୍ଷା ବାହିନୀ ଏବେ ଜମ୍ମୁ ଡିଭିଜନର ପାହାଡିଆ ଏବଂ ଜଙ୍ଗଲିଆ ଅଂଚଳରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଆତଙ୍କବାଦୀଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ସୂତ୍ରରୁ ସୂଚନା ଅନୁଯାୟୀ, ଜମ୍ମୁ ଡିଭିଜନରେ ପ୍ରାୟ ଚାରି ଜଣ ସ୍ଥାନୀୟ ଆତଙ୍କବାଦୀ ଅଛନ୍ତି ଯେଉଁମାନେ ବର୍ଷା ସମୟ ଧରି ସୁରକ୍ଷା ନଜରରେ ଅଛନ୍ତି । ଏହି ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଜମ୍ମୁ କାଶ୍ମୀରରେ ଅନୁପ୍ରବେଶ କରିଥିଲେ, କିନ୍ତୁ ସୁରକ୍ଷା ବାହିନୀ ସୋମାକଙ୍କୁ ନିକୁ, ଯେତେବେଳେ ବାକି ତିନି ଜଣ କିସ୍ତୱାର ଅଂଚଳରେ ସକ୍ରିୟ ଅଛନ୍ତି । କିସ୍ତୱାରରେ ସକ୍ରିୟ ଏହି ତିନି ଜଣ ଆତଙ୍କବାଦୀ ନିଜରୁର ମୁଜାହିଦିନ ସହିତ ଜଡିତ ବୋଲି ଜଣାପଡ଼ିଛି । ସୋମାକଙ୍କ ମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛନ୍ତି ମହମ୍ମଦ ଅମିନ ଉରଫ ଜାହାଙ୍ଗୀର ସରୁରୀ । ଜିଆନ୍ତ ଅନ୍ତମ ଉରଫ ହଜାରୀ ଏବଂ ମୁବାସିର ହୁସେନ ମଧ୍ୟ ସୁରକ୍ଷା ଏଜେନ୍ସି ଗୁଡ଼ିକର ୱାଂଟେଡ୍ ତାଲିକାରେ ଅଛନ୍ତି । ଜମ୍ମୁ ଡିଭିଜନରେ ସକ୍ରିୟ ଥିବା ଚାରି ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରୁ ନିକୁ ସବୁଠାରୁ ଚର୍ଚ୍ଚିତ । ସେ ଜାମ୍ମୁଠା ଜିଲ୍ଲାର ବିଲ୍ଲାୱର ଅଂଚଳର ବାସିନ୍ଦା ବୋଲି କୁହାଯାଉଛି । ସ୍ଥାନୀୟ ଜଣେ ହୋଇଥିବାରୁ, ସେ ଅଂଚଳର ପାର୍ବତ୍ୟ ଅଂଚଳ, ଜଙ୍ଗଲ ଏବଂ ଦୁର୍ଗମ ଅଂଚଳ ବିଷୟରେ ଯଥାପ୍ରକ ଜ୍ଞାନ ରଖନ୍ତି । ଏହି କାରଣରୁ ତାଙ୍କର ସ୍ଥାନ ସୁରକ୍ଷା ଏଜେନ୍ସି ଗୁଡ଼ିକ ପାଇଁ ଏକ ନିଉନ୍ତର ଚ୍ୟାଲେଞ୍ଜ ହୋଇ ରହିଛି । ଗୁପ୍ତଚର ସୂଚନା ଅନୁଯାୟୀ, ନିକୁ ବର୍ତ୍ତମ



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA

ଶନିବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ବାତ୍ୟା କ୍ଷତିଗ୍ରସ୍ତ ଗଜପତିରେ ନିରଞ୍ଜନ ପୂଜାରୀଙ୍କ କ୍ଷୟକ୍ଷତି ଅନୁଧ୍ୟାନ

ଶହ ଶହ ଏକର ଧାନ ଫସଲ ନଷ୍ଟ, ଚାଷୀଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଦାବି



ପାରାଦାଖେମୁଣ୍ଡି, ୨୦/୧୧ (ଆ.ପ୍ର) : ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷକରି କୃଷି କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭୋଇଲି ଯାଇଛି । ଏଭଳି ସଙ୍କଟ ସମୟରେ କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଅନୁଧ୍ୟାନ କରିବା ସହ ସରକାରଙ୍କ ନିକଟରେ ଦାୱର ସ୍ମିତି ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ବିଜୁ ଜନତା ଦଳର ସୃପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ବାଚସ୍ପତି ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଗଜପତି ଜିଲ୍ଲା ଗସ୍ତ କରିଛନ୍ତି । ଏହି ଗସ୍ତ ଅବସରରେ ସେ ଘୋଷାଣୀ ବୁଦ୍ଧର ଅଧିକ କ୍ଷତିଗ୍ରସ୍ତ ସୋବୋରା , ନୂଆ ଘୋଷାଣୀବୁ, ବାସୁଶାରା ଓ ସରଧାପୁର ପଂଚାୟତର ବିଭିନ୍ନ ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ । ସେଠାରେ କ୍ଷତିଗ୍ରସ୍ତ ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ । ପରିଦର୍ଶନ ସମୟରେ ବଦ୍ୟାଳଜରେ ଦୁତ୍ତି ନଷ୍ଟ ହୋଇଥିବା ଧାନ ଫସଲର ସ୍ଥିତି ଦେଖି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଶହ ଶହ ଏକର ଜମିରେ ଧାନ ଫସଲ ପାଣିରେ ବୁଡି ନଷ୍ଟ ହେବା ସହ ଆଖି ପାଚିଟି ଯାଇଥିବା ଦେଖି ଚାଷୀଙ୍କ ଦୁରବସ୍ଥାକୁ ଗୁରୁତ୍ୱର ସହ ନେଇଥିଲେ । ଏହି କ୍ଷୟକ୍ଷତିର ବାସ୍ତବ ଚିତ୍ର ବିଧାନସଭାରେ ଉପସ୍ଥାପନ କରିବା ସହ ଚାଷୀଙ୍କୁ ଉପଯୁକ୍ତ ଓ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଉଠାଯିବ ବୋଲି ବଦ୍ୟାୟ ପ୍ରତିନିଧିମଣ୍ଡଳୀ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲୁଥିବା ସମୟରେ ଏହି ଅନୁଧ୍ୟାନ ଗସ୍ତରେ ସ୍ଥାନୀୟ ବିଧାୟକ ଡଂ. ରୂପେଶ କୁମାର ପାଣିଗ୍ରାହୀ ମଧ୍ୟ ସାମିଲ ହୋଇଥିଲେ । ଚାଷୀଙ୍କ କ୍ଷୟକ୍ଷତି ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାରେ ସରକାରଙ୍କ ଦ୍ୱରତାକୁ ନେଇ ସେ କଟାକ୍ଷ କରିବା ସହ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି କରିଥିଲେ । ବର୍ତ୍ତମାନର ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱାସନା ନୁହେଁ, ବରଂ ତ୍ୱରିତ ଆର୍ଥିକ ସହାୟତା ଓ ନ୍ୟାୟସଙ୍ଗତ କ୍ଷତିପୂରଣର ଆବଶ୍ୟକତା ରହିଛି । ତେଣୁ କ୍ଷୟକ୍ଷତିର ସଠିକ୍ ଆକଳନ କରି ବିଳମ୍ବ ନକରି ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ଜୋରଦାର ହୋଇଛି ।

ବଳ ପାଇଁ ଏକ ଅପୂରଣୀୟ କ୍ଷତି : ମନମୋହନ ସାମଲ



ଭୁବନେଶ୍ୱର, ୨୦/୧୧ (ଆ.ପ୍ର) : ତରିଷ୍ଠ ନେତା ତଥା କୃଷ୍ଣ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ତଥା ଅଭିଭକ୍ତ ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ସୁରେନ୍ଦ୍ର ନାଥ ଜେନାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁସଙ୍ଗଠକ ଥିଲେ । ୧୯୮୦ ମସିହାରୁ ଜଣେ ନିଷ୍ଠାପର, ଜନପ୍ରିୟ ଓ ସୁସଙ୍ଗଠକ ଥିଲେ । ୧୯୮୦ ମସିହାରୁ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ କରିଥିବା ସ୍ୱର୍ଗତ ଜେନା ଅବିଭକ୍ତ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହିତ ସାଧାରଣ ଲୋକଙ୍କ ସେବା ଓ ଅଂଚଳର ବିକାଶ ପାଇଁ ତାଙ୍କର ଅବଦାନ ସଦାସର୍ବଦା ସ୍ମରଣୀୟ ରହିବ । ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତଃ ଜେନା ବ୍ରହ୍ମଗିରି ଅଂଚଳର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗ ଦଳ ତଥା ଦଳ ପାଇଁ ଏକ ଅପୂରଣୀୟ କ୍ଷତି ।" ସ୍ୱର୍ଗତଃ ଜେନାଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇବା ସହ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି ।

ଶୁଖୁଡ଼ି କନ୍ଧମାଳ ଆଖିରୁ ଲୁହ, ତାମିଲନାଡୁରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ବାଲିଗୁଡ଼ା, ୨୦/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁର ଦୁଃଖଦ ଧାରା ଅବିରତ ଜାରି ରହିଛି । ଗୋଟିଏ ପରେ ଗୋଟିଏ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଜିଲ୍ଲାବାସୀଙ୍କୁ ମର୍ମାହତ କରୁଥିବା ବେଳେ ପୁଣି ଜଣେ ଯୁବ ଶ୍ରମିକ ତାମିଲନାଡୁରେ ଦୁଃଖଦ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି । ଏହି ଘଟଣା ପୁଣିଥରେ କନ୍ଧମାଳରେ ଦାଦନ ସମସ୍ୟାର ଉଚ୍ଛେଦରେ ଏବଂ ତାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ଶ୍ରମିକଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଠିଆ କରିଛି । ମୃତ ଯୁବକ ଜଣକ ହେଉଛେ କନ୍ଧମାଳ ଜିଲ୍ଲା ଜ.ନୂଆଗାଁ ବ୍ଲକ ଲେଚିଗାଁଆ ପଂଚାୟତ ଅନ୍ତର୍ଗତ ଜିଲୁପାଙ୍କା ଗ୍ରାମର ଆଖୁନ୍ ବିଗାଲ (୨୨) । ସୂଚନା ଅନୁସାରେ, ଗତ ୧୫ ନଭେମ୍ବର ୨୦୨୬ ତାରିଖରେ ତାମିଲନାଡୁରେ ତାଙ୍କର ମୃତ୍ୟୁ ଘଟିଛି । ମାତ୍ର ୨୨ ବର୍ଷ ବୟସରେ ଜଣେ ଯୁବକଙ୍କ ଏଭଳି ଅକାଳ ବିୟୋଗ ତାଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ଦେଇଛି । ପରିବାରର ଆଶା, ଭରସା ଓ ଭବିଷ୍ୟତକୁ ନେଇ ଦେଖା ଯାଇଥିବା ସ୍ୱପ୍ନ ଆଜି ରାଜି ପଡ଼ିଛି । ସଦ୍ଭୁତାରୁ ଉଦ୍ଦ୍ ?ଦେଉଜନକ ବିଷୟ ହେଉଛି, ଗତ ୧୧ ଓ ୧୨ ତାରିଖ ମଧ୍ୟରେ କନ୍ଧମାଳ ଜିଲ୍ଲାର ୨୫ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଦାବି କରାଯାଇଛି । ଏହି ସଂଖ୍ୟା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ୨୫ଟି ପରିବାରର ଅସହାୟତା, ଅସରନ୍ତି ଦୁଃଖ ଓ ଅପୂରଣୀୟ କ୍ଷତିର ଚିତ୍ର । ଜେଉଁଠି କୃଷ୍ଣ ଜାପାମାଥା ପ ଅ ନ ହରାଇଛନ୍ତି ତ ଆର କେଉଁଠି ପ ଡି ବା ର ଏ କ ମା । ତ୍ର ଗୋଇଗାଁଆ ସଦସ୍ୟଙ୍କୁ ହରାଇ ଅସହାୟ ହୋଇପଡ଼ିଛନ୍ତି ପରିଜନ । ପ୍ରଶ୍ନ ଉଠୁଛି, ଆଉ କେତେ ଯୁବକ ରୋଜଗାର ପାଇଁ ନିଜ ଜନ୍ମମାଟି ଛାଡ଼ିବେ ? ଆଉ କେତେ ମାଆଙ୍କ କୋଳ ଶୂନ୍ୟ ହେବ ? ଆଉ କେତେ ପରିବାର ନିଜର ପ୍ରିୟଜନଙ୍କୁ ହରାଇ ଦୁଃଖରେ ରାଜିପଡ଼ିବା ପରେ ପ୍ରଶାସନର ଚେତା ପଶିବ ? କନ୍ଧମାଳ ଜଳି ପ୍ରାକୃତିକ ସମ୍ପଦରେ ଭରପୁର ଜିଲ୍ଲାର ଯୁବକମାନେ କାହିଁକି ନିଜ ଅଂଚଳରେ କାମ ପାଉନଥାନ୍ତି, ତାହା ଆଜି ଏକ ଜଟ୍ ପ୍ରଶ୍ନ ହୋଇ ଉଭା ହୋଇଛି । ଜିଲ୍ଲାରେ କୃଷି, ଉଦ୍ୟାନ କୃଷି, ପର୍ଯ୍ୟଟନ, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଅନେକ ସମ୍ଭାବନା ରହିଛି । ତଥାପି ସ୍ଥାନୀୟ ଯୁବକଙ୍କୁ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ମିଳୁ ନଥିବାରୁ ସେମାନେ ବାଧ ହୋଇ ଦୂରଦୂରାନ୍ତ ରାଜ୍ୟକୁ ଶ୍ରମିକ ଭାବେ ଯାଉଛନ୍ତି । ସେଠାରେ ନାନାର ପରିସ୍ଥିତି, ରୁଜି, ସ୍ୱାସ୍ଥ୍ୟ ସୁବିଧା ଓ ସୁରକ୍ଷା ସମ୍ପର୍କରେ ଯଥେଷ୍ଟ ତଥ୍ୟ ନଥିବା ମଧ୍ୟ ବିବାଦ ବିଷୟ । ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଦାଦନ ଶ୍ରମିକଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ, ତାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ପଞ୍ଜୀକରଣ, ସେମାନଙ୍କ କାର୍ଯ୍ୟସ୍ଥଳର ସୁରକ୍ଷା ଏବଂ ବିପଦ ସମୟରେ ତୁରନ୍ତ ସହାୟତା ଦେବା ଆବଶ୍ୟକ । ପହଂଚାଇବା ଦିଗରେ ଠୋସ୍ ପଦକ୍ଷେପ ନେବା ଆବଶ୍ୟକ । ମୃତ ଶ୍ରମିକଙ୍କ ପରିବାରକୁ ଉଚିତ କ୍ଷତିପୂରଣ, ସରକାରୀ ସହାୟତା ଓ ନ୍ୟାୟ ପ୍ରଦାନ ସହିତ ଏଭଳି ଘଟଣାର କାରଣ ଅନୁଧ୍ୟାନ କରିବା ମଧ୍ୟ ଜରୁରୀ । ଜେତବ ମୃତ୍ୟୁ ପରେ ସାନ୍ତ୍ୱନାପୁରୁଡ଼ି ଓ ସହାୟତା ଘୋଷଣା କରିଦେଲେ ଦାଦନ ସମସ୍ୟାର ସମାଧାନ ହେବ ନାହିଁ । ଏଥିପାଇଁ ଆବଶ୍ୟକ ସ୍ଥାନୀୟ ସ୍ତରରେ ସ୍ଥାୟୀ ରୋଜଗାର, ଯୁବକଙ୍କ ପାଇଁ ଦକ୍ଷତା ବିକାଶ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି । ଯେପରି କୌଣସି ଯୁବକ ନିଜ ପରିବାରକୁ ଛାଡ଼ି ଅନିଶ୍ଚିତ ଭବିଷ୍ୟତ ନେଇ ପର ରାଜ୍ୟକୁ ଯିବାକୁ ବାଧ ନହୁଏ, ସେଥିପାଇଁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଯୋଜନାବଦ୍ଧ ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ । ଆଖୁନ୍ ବିଗାଲଙ୍କ ମୃତ୍ୟୁ ପୁଣିଥରେ ସମଗ୍ର କନ୍ଧମାଳ ପାଇଁ ଏକ ଚେତାବନୀ । ଏବେ ସମୟ ଆସିଛି ଦାଦନ ସମସ୍ୟାକୁ କେବଳ ଏକ ଶ୍ରମିକ ସମସ୍ୟା ଭାବେ ନଦେଖି ଏହାକୁ ଜିଲ୍ଲାର ଗୁରୁତର ସାମାଜିକ ଓ ଆର୍ଥିକ ସମସ୍ୟା ଭାବେ ଗ୍ରହଣ କରିବାର । ବାରି ଗୋଟିଏ, ଲକ୍ଷ୍ୟ ଗୋଟିଏ 'ଦାଦନମୁକ୍ତ କନ୍ଧମାଳ' । ନିଜ ମାଟିରେ ନିଜ ରୋଜଗାର, ନିଜ ପରିବାର ସହ ସୁରକ୍ଷିତ ଜୀବନ । ଆଉ କୌଣସି ମାଆର କୋଳ ଶୂନ୍ୟ ନହେଉ, ଆଉ କୌଣସି ପରିବାରର ହସ ଲିଭି ନଯାଉ ।

ଚୌଦ୍ୱାର ଥାନାରେ ପକ୍ଷରୁ କାର୍ତିକେଶ୍ୱର ଭଷାଣି ପ୍ରସ୍ତୁତି ବୈଠକ



ଟାଙ୍ଗୀ ଚୌଦ୍ୱାର, ୨୦/୧୧ (ଆ.ପ୍ର) : ଐତିହାସିକ ପରମ୍ପରା ଓ ଆସ୍ଥାର ପ୍ରତୀକ କଞ୍ଚନ୍ଦିର କାର୍ତିକେଶ୍ୱର ରଥଣି ଉପଲକ୍ଷେ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଚୌଦ୍ୱାର ଥାନା ଅଧିକାରୀ ବିକାଶ ସେଠୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ କଞ୍ଚନ୍ଦି ଓ ମହାନପଡ଼ାର ବିଭିନ୍ନ କାର୍ତିକେଶ୍ୱର ପୂଜା କମିଟିର ସଭାପତି, ସମ୍ପାଦକ, ମୁରବୀ ଓ କର୍ମକର୍ତାମାନେ ଯୋଗଦେଇ ଉତ୍ସବର ସୁପରିଚାଳନା ନେଇ ଆଲୋଚନା କରିଥିଲେ । ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଚଳିତ ମାସ ୨୬ ତାରିଖରେ ମେଢ଼ଗୁଡ଼ିକ ଗ୍ରାମ ପରିକ୍ରମା ଏବଂ ୨୭ ତାରିଖରେ ରଥଣି ଉତ୍ସବ ଅନୁଷ୍ଠିତ ହେବ । ୨୬ ତାରିଖରେ ସମସ୍ତ ମେଢ଼ ନିଜ ନିଜ ପୂଜା ମଣ୍ଡପରୁ ବାହାରି ଯାତ୍ରା ପଡ଼ିଆରେ ଏକତ୍ରିତ ହେବେ । ପରଦିନ ଅର୍ଥାତ୍ ୨୭ ତାରିଖରେ ଯାତ୍ରା ପଡ଼ିଆରୁ ମେଢ଼ଗୁଡ଼ିକ ବାହାରି ଘାଟକୂଳଠାରେ ମିଳିତ ଅସ୍ତ୍ରୟୀ ପୋଖରୀରେ ବିସର୍ଜନ କରାଯିବ । ବୈଠକରେ କଞ୍ଚନ୍ଦି ଗ୍ରାମ କମିଟିର ସଭାପତି ବିଜୁଳ କୁମାର ଛତାରଙ୍କ ସମେତ ଗ୍ରାମର ମୁରବୀ କାଞ୍ଚାଳି ସାହୁ, ଶେଖଦେବ ମୁଦୁଲି, ରଞ୍ଜନ କୁମାର ମୁଦୁଲି, ନାରାୟଣ ସାହୁ, ବଳରାମ ଗରତ, ଗଜରାଜ କଟୁଆଳ ଓ ପରିତ୍ରୋ ନାୟକଙ୍କ ସମେତ କଞ୍ଚନ୍ଦି ଓ ମହାନପଡ଼ାର ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକମାନେ ଉପସ୍ଥିତ ଥିଲେ ।

କଳାହାଣ୍ଡିରେ ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

୨୧ଟି ମାମଲାରେ ନୋଟିସ୍, ୧୬ଟି ମାମଲାର ଶୁଣାଣି



ଧର୍ମଗଡ଼, ୨୦/୧୧ (ଆ.ପ୍ର) : ଓଡ଼ିଶା ରାଜ୍ୟ ମହିଳା କମିଶନ ଏବଂ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଆଜି କଳାହାଣ୍ଡି ଜିଲ୍ଲାପାଳଙ୍କ ସଭାଦାନ ସଭାଗୃହ ଠାରେ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଶିବିର ଅଦାଲତରେ କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରୁ ମୋଟ ୨୧ଟି ମାମଲାରେ ନୋଟିସ୍ ଜାରି କରାଯାଇଥିଲା । ସେଥିମଧ୍ୟରୁ ୧୬ଟି ମାମଲାର ପକ୍ଷମାନେ ଉପସ୍ଥିତ ରହି ଶୁଣାଣିରେ ଭାଗ ନେଇଥିଲେ । ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶିବିର ଅଦାଲତ ମାଧ୍ୟମରେ ମହିଳାମାନେ ଘରୋଇ ହିଂସା, କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ, ଯୌତୁକ ଦାବି, ସମ୍ପତ୍ତି ବିବାଦ, ସାଇବର ଅପରାଧ, ବୈବାହିକ ସମସ୍ୟା ତଥା ଅନ୍ୟାନ୍ୟ ଅଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିବା ଓ ନ୍ୟାୟ ପାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପାଇଥିଲେ । ଓଡ଼ିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ଏହି ଶିବିର ଅଦାଲତରେ ଅଧକ୍ଷତା କରିଥିଲେ । କମିଶନର ସଦସ୍ୟା ମୁକ୍ତା ସାହୁଙ୍କ ସମେତ ଜିଲ୍ଲାର ଆଧିକାରିକ ଦିବାକର ବିଶ୍ୱାଳ, ଡ଼ିଲୋଚନ ନାୟକ ଓ ବିଚାରାଳୟ ସାହୁ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ଦେଇଥିଲେ । କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରାଣୀ ନାୟକ କାର୍ଯ୍ୟକ୍ରମର ସୁତାରୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଦନୁଯ କୁମାର ଦଉଣ୍ଡାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତାରା ଜିନ୍ଦଲ୍ ଗୋଟିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁକିରୁନ ନିଶା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସୁର୍ଚ୍ଚନା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ପ୍ରସାଦ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେରେଥା ଏବଂ ଜିଲ୍ଲା ମହିଳା ଉଦ୍ୟୋଗ ସାହୁ ଯୋଗେଶ୍ୱର ବୁଦ୍ଧିଆଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ପ୍ରଶାସନର ମୌଖିକ ସ୍ଥଗିତ ନିର୍ଦ୍ଦେଶକୁ ନେଇ ପ୍ରଶ୍ନ, ସରପଂଚଙ୍କ ଅନୁପସ୍ଥିତିରେ ହାଟ ଆରମ୍ଭ କଲେ ଗ୍ରାମବାସୀ



ଚଣ୍ଡାଙ୍ଗି, ୨୦/୧୧ (ଆ.ପ୍ର): ବିବାଦ, ମତଭେଦ ଓ ପ୍ରଶାସନିକ ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା ମଧ୍ୟରେ କେନାଗେଡାଠାରେ ନୂତନ ସାପ୍ତାହିକ ହାଟର ଶୁଭାରମ୍ଭ ହୋଇଛି । ସୁନ୍ଦରଗଡ଼ ଜିଲ୍ଲା ଚଣ୍ଡାଙ୍ଗଢ଼ ବ୍ଲକ ଅନ୍ତର୍ଗତ କେନାଗେଡା ଗ୍ରାମପଂଚାୟତର କେନାଗେଡା କଲେଜ ଛକଠାରେ ଆଜିଠାରୁ ଏହି ହାଟ ଆରମ୍ଭ ହୋଇଥିବା ବେଳେ ଏହାର ପୃଷ୍ଠଭୂମିକୁ ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁଯାୟୀ, ନୂତନ ସାପ୍ତାହିକ ହାଟ ଆରମ୍ଭକୁ ନେଇ ପୂର୍ବରୁ ଗ୍ରାମରେ ବିବାଦ ଓ ମତଭେଦ ସୃଷ୍ଟି ହୋଇଥିଲା । ଏଥିକୁ ନେଇ ଉପଜିଲ୍ଲାପାଳ ମୌଖିକ ଭାବେ ମାମଲାର ବିଚାର ନହେବା ପର୍ଯ୍ୟନ୍ତ ହାଟକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିବାକୁ କହିଥିବା ସରପଂଚ ପ୍ରକାଶ କରିଥିଲେ ତେବେ ପ୍ରଶାସନର ଏହି ମୌଖିକ ନିର୍ଦ୍ଦେଶ ସତ୍ତ୍ୱେ ସରପଂଚଙ୍କ ଅନୁପସ୍ଥିତିରେ କିଛି ଗ୍ରାମବାସୀ ଆଜି ନୂତନ ହାଟର ଶୁଭାରମ୍ଭ କରିଥିବା ସୂଚନା ମିଳିଛି । ଏହି ପଦକ୍ଷେପ ହାଟକୁ ନେଇ ଚାଲିଥିବା ବିବାଦକୁ ଆହୁରି ଚର୍ଚ୍ଚାର ଛେତ୍ରବିନ୍ଦୁକୁ ଆଣିଛି । ପ୍ରଶାସନର ନିର୍ଦ୍ଦେଶ ଓ ଗ୍ରାମବାସୀଙ୍କ ପଦକ୍ଷେପ ମଧ୍ୟରେ ଏବେ ସମସ୍ତଙ୍କ ନଜିର ରହିଛି, ହାଟକୁ ନେଇ ଉପୁଜିଥିବା ବିବାଦର ସମାଧାନ କେଉଁ ଦିଗକୁ ଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଆଗାମୀ ଦିନରେ ପ୍ରଶାସନ ଏହି ଘଟଣା ଉପରେ କି ପଦକ୍ଷେପ ନେଉଛି ଏବଂ ହାଟର ଭବିଷ୍ୟତକୁ ନେଇ କି ନିଷ୍ପତ୍ତି ହେଉଛି, ତାହେତେ ଅପେକ୍ଷାର ବିଷୟ ।

ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିରରେ ପଂଚୁକ ଆରମ୍ଭ



ଦଶପଲ୍ଲା, ୨୦/୧୧ (ଆ.ପ୍ର) : ଦଶପଲ୍ଲା କୁଞ୍ଜବଗଡ ଦେଉଳ ମାଳିସାହିସ୍ଥିତ ରାଜ ପ୍ରତିଷ୍ଠିତ ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଠରେ ଶୁକ୍ଳବାଗ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପଂଚୁକ ଆରମ୍ଭ ହୋଇଛି । ଏହି ପାଂଚ ଦିନ ପ୍ରକୃତ୍ୟୁ ବିଭିନ୍ନ ଦେଶୁରେ ସଜ୍ଜିତ ହେବେ । ପ୍ରଥମ ସଂଧ୍ୟାରେ ପ୍ରକୃତ୍ୟୁ ମୁକ୍ତେଶ୍ୱର ଦେଶରେ ଧାରଣ କରିଛନ୍ତି । ଏହି ଦୁଲୁକ ଦେଶ ଦେଖିବାକୁ ସନ୍ଧ୍ୟାରେ ଲକ୍ଷାଧିକ ଜନ ସମାଗମ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଦୀପଯଜ୍ଞ ଉତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟହ ସନ୍ଧ୍ୟା ଆଳତୀ ପରେ ଦୀପଯଜ୍ଞ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ । ଦେଶୁ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେବ ବିଲୁକୁପା ଲାଭ କରିବେ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ।

ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ସ୍ଥିତି ପରଖିଲା ବିଜେଡ଼ି ଟିମ

ରାଉକିଆ/ଜି.ଉଦୟଗିରି, ୨୦/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଉକିଆ ବ୍ଲକ୍ ଓ ଜି.ଉଦୟଗିରି ବ୍ଲକ୍‌ର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀକୁ ବୁଲି ଲୋକଙ୍କ ସୁବି

ସମ୍ବାଦକୁ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା - ୩





ବାତ୍ୟା ମୁକାବିଲା ପାଇଁ ଅଂଟା ଭିଡ଼ିଲା ବିଜେଡି ଟିମ୍ ପ୍ରଶାସନକୁ ପାଂଚ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ



ଭାଲେଶ୍ୱର, ୨୦/୧୧ (ଆ.ପ୍ର) : ଦାନା 'ଅକ୍ସନ୍ଧ' ଓ ପ୍ରବଳ ବର୍ଷା ଆଶଙ୍କାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜିନ୍ ଜିଲ୍ଲା ଦାୟିତ୍ୱରେ ବିଜେଡିର ବରିଷ୍ଠ ନେତୃତ୍ୱକୁ ଦାୟିତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭାଲେଶ୍ୱର ଜିଲ୍ଲା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଏନେଇ ଶୁକ୍ରବାର ଶ୍ରୀ ମାରାଣ୍ଡିଙ୍କ ତତ୍ତ୍ୱାବଧାନ ତଥା ଭାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତି ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡିର ଏକ ଟିମ୍ ଦ୍ୱିତୀୟ ଦିନରେ ଜିଲ୍ଲା ପ୍ରଶାସନ ଏବଂ ଭାଲେଶ୍ୱର ଜିଲ୍ଲା ଦାୟିତ୍ୱରେ ଥିବା ଆଇଏଏସ ଜେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଆଲୋଚନା କରିଛନ୍ତି । ଏହ ପାଂଚ ଦଫା ସମ୍ବଳିତ ଦାବିପତ୍ର ଦେବା ସହ ବିଶେଷ କରି ଅତୀତକାଳ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରଖିବା, ଆଣ୍ଡୁଆ ପ୍ରବା ଓ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ବୃକ୍ଷ ବୃଦ୍ଧା ଛୋଟ ପିଲା ଗୋଗୀ ଓ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନ ତଥା ହସପିଟାଲ ସ୍ଥାନାନ୍ତର ନେଇ ସୁବଧୋବସ୍ତ, ଉପଯୁକ୍ତସରେ ବର୍ଷା ପାଣିର ଆକଳନ, ଧାନ ପାନ ମାନ ଚାଷ କ୍ଷୟକ୍ଷତିର ଆଶୁ ଆକଳନ ଆଦି ଉପରେ ଟିମ୍ ଗୁରୁତ୍ୱ ଦେଇଛି । ଏଥିସହ ଟିମ୍ ସମୁଦ୍ର କୂଳିଆ ଅଂଚଳ ପରିବର୍ତ୍ତନ କରି ସ୍ଥିତି ଅନୁଧ୍ୟାନ କରିଛି । ଏହି ଟିମରେ ବିଜେଡିର ବରିଷ୍ଠ ନେତୃତ୍ୱ ମଧ୍ୟରେ ପୂର୍ବତନ ନାଳରିତି ବିଧାୟକ ପୁଲାନ୍ତ ନାୟକ, ପୂର୍ବତନ ସରବ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ଉପସଭାପତି ରଞ୍ଜନ ଭାଗ, ଟାଉନ ବିଜେଡି ସଭାପତି ମଂଜୁର ଗାଉଡ଼, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଦାଶ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ପରିଷଦ ଜୟରାମ ଦାସ ଓ ଗିରିଶ ପତ, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ମାନା ମହାନ୍ତି, ଜିଲ୍ଲା ଯୁବ ସଭାପତି ଡାପସ ପାଣିଗ୍ରାହୀ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନ, ଟାଉନ ମହିଳା ସଭାନେତ୍ରୀ ମୀତା ପଟ୍ଟନାୟକ, ରେମୁଣା ବୁକ ସଭାପତି ଅଭିମନ୍ୟୁ ବିଦ୍ୟା, ଟାଉନ ଉପସଭାପତି ସଞ୍ଜୟ ବେହେରା, ଟାଉନ ସାଧାରଣ ସମ୍ପାଦକ ସୁବୋଧ ମହାନ୍ତି, କୋଷ୍ଟ୍ୟଖ ରାତିକ ଜା, କାଜନପିଲର ସଂସ୍ଥାରାଣୀ ଜେନା, ଯୁବନେତା ଜମାଶଙ୍କର ଠିଆଡ଼ି, ଉତ୍କାମା ଶଙ୍କର ପଣ୍ଡା, ଛାତ୍ରନେତା ରାଜେଶ କୁମାର ଜାଗିଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଓ ସ୍ଥିତି ଅନୁଧ୍ୟାନ କରିଥିଲେ ।

ରାସ୍ତାରେ ଖାଲ ନା ଖାଲରେ ରାସ୍ତା ନରହରିପୁର-ବର୍ତ୍ତନା ପିଡବ୍ଲ୍ୟୁଡି ରାସ୍ତା ଯାତାୟାତ ପାଇଁ ବିପଜ୍ଜନକ



ରେମୁଣା, ୨୦/୧୧ (ଆ.ପ୍ର) : ଖରା ହେଉ କି ବର୍ଷା, ରାସ୍ତା ପାଇଲୁଚ୍ଛି ମରଣଯନ୍ତ୍ରା । ରାସ୍ତାରେ ଖାଲ ନା ଖାଲରେ ରାସ୍ତା, ତାହା ଜଣିବା ମୁସ୍କିଲ । କେଉଁଠି ବଡ଼ ବଡ଼ ଗର୍ତ୍ତରେ ଆଖୁଏ ପାଣି ଜମି ରହିଛି ତ ଆଉ କେଉଁଠି ପିଚୁ ଉଠିଯାଇ ଗୋଡ଼ି, ପଥର ବାହାରିଛି । ଅସାର ରାତିରେ ଏହି ଖାଲଖମା ଜଗା ରାସ୍ତା ଦେଇ ଯାତାୟାତ କରିବା ଯାତ୍ରୀଙ୍କ ପାଇଁ ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହୋଇଛି । ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ରେମୁଣା ଏନଏସିର ନରହରିପୁର ଛକଠାରୁ ବର୍ତ୍ତନା ଛକ ପର୍ଯ୍ୟନ୍ତ । ପ୍ରାୟ ୩ କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଗୁରୁତ୍ୱାର ବର୍ଷା ପରେ ଏହି ରାସ୍ତାର ସେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ରାସ୍ତାର ବାସ୍ତବ ସ୍ଥିତିକୁ ପ୍ରକାଶ କରିଛନ୍ତି । ରାସ୍ତା ମଝିରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲରେ ବର୍ଷାଜଳ ଜମି ରହିଥିବାରୁ ସର୍ତ୍ତର ଗରାରଡା ଜଣାପଡୁନାହିଁ । ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇଛି । ରାତିରେ ଷ୍ଟିଟ୍ ଲାଇଟ୍‌ର ଆଲୋକ ଓ ଗାଡ଼ିର ହେଡ୍‌ଲାଇଟ୍ ପଡ଼ି ପାଣି ଚମ୍ବୁଟିଥିବାରୁ ଖାଲର ପ୍ରକୃତ ଅବସ୍ଥା ଠଉରାଇବା ଜଟିକର ହେଉଛି । ଅସାବଧାନତାରେ ଗାଡ଼ି ଖାଲରେ ପଡ଼ିବାରେ ଚାଳକ ଜାରସାମ୍ୟ ହରାଇବାର ଆଶଙ୍କା ରହିଛି । କେବଳ ବର୍ଷା ସମୟରେ ନୁହେଁ, ବର୍ଷା ଛାଡ଼ିଗଲେ ମଧ୍ୟ ଏହି ରାସ୍ତାରେ ଦୁର୍ଘଟଣା ଜମୁନାଇଁ । ରାସ୍ତାର ପିଚୁ ଉଠିଯାଇଥିବାରୁ ଯାନବାହନ ଚଳାଚଳ ସମୟରେ ପ୍ରବଳ ଧୂଳି ଶୋଚନୀୟ ହୋଇପଡ଼ିଛି । ପଥରେ ଯାଉଥିବା ଯାତ୍ରୀମାନେ ଧୂଳିରେ ଅତିଷ୍ଠ ହେଉଛନ୍ତି । ଧୂଳି ଯୋଗୁଁ ଆଗରେ ଥିବା ରାସ୍ତା ମଧ୍ୟ ଠିକ୍ ଭାବେ ଦେଖାଯାଉନାହିଁ । ଏଥିରିକି ରାସ୍ତାରେ ଗୋଡ଼ି ଓ ପଥର ବିଛାହିଁ ହୋଇଥିବାରୁ ଯାତାୟାତ ଆହୁରି ଜଟିକର ହୋଇପଡ଼ିଛି । ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇଛି । ରାତିରେ ଷ୍ଟିଟ୍ ଲାଇଟ୍‌ର ଆଲୋକ ଓ ଗାଡ଼ିର ହେଡ୍‌ଲାଇଟ୍ ପଡ଼ି ପାଣି ଚମ୍ବୁଟିଥିବାରୁ ଖାଲର ପ୍ରକୃତ ଅବସ୍ଥା ଠଉରାଇବା ଜଟିକର ହେଉଛି । ଅସାବଧାନତାରେ ଗାଡ଼ି ଖାଲରେ ପଡ଼ିବାରେ ଚାଳକ ଜାରସାମ୍ୟ ହରାଇବାର ଆଶଙ୍କା ରହିଛି । ଏଭଳି ଦୁରବସ୍ଥା ଉଚ୍ଚାଧିକାରୀମାନଙ୍କ ଦୃଷ୍ଟିଗୋଚର ହେଉନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଜନ୍ମୁଛି । ବର୍ଷା ଅସିଲେ ଖାଲରେ ପାଣି ଜମୁଛି, ବର୍ଷା ଛାଡ଼ିଲେ ଧୂଳି ଜନ୍ମୁଛି । ଏଭଳି ସ୍ଥିତିରେ ଲୋକେ ଯିବେ କୁଆଡ଼େ? ରାସ୍ତା ନିର୍ମାଣ ଓ ମରାମତି ପାଇଁ ଯୋଜନା ଦେଉଥିବା ବେଳେ ଲୋକଙ୍କ ଦୈନନ୍ଦିନ ଯାତାୟାତର ଏହି ମୌଳିକ ସମସ୍ୟା ପ୍ରତି କାହିଁକି ଦୃଷ୍ଟି ଦିଆଯାଉନାହିଁ ବୋଲି ପ୍ରଶ୍ନ ଉଠିଛି । ତୁରନ୍ତ ରାସ୍ତାର ମରାମତି ସହ ପ୍ରାୟୀ ପିଚୁ ରାସ୍ତା ନିର୍ମାଣ ପାଇଁ ଅଂଚଳବାସୀ ସମ୍ପୃକ୍ତ ପିଡବ୍ଲ୍ୟୁଡି ବିଭାଗ ଓ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି । ନଚେତ୍ ? ଏହି ରାସ୍ତାର ଦୁରବସ୍ଥା ଆଗାମୀ ଦିନରେ ଏକ ବଡ଼ ଦୁର୍ଘଟଣାର କାରଣ ହେବା ପୂର୍ବରୁ ପ୍ରଶାସନ ଚେତିବା ଜରୁରୀ । ଅନ୍ୟଥା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସମାଜସେବୀ ରବିନାରାୟଣ ପତି, ପୂର୍ବତନ ସରପଂଚ ଅନିରୁଦ୍ଧ ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି ।

୭,୬୫୦ ଲିଟର ମଦ ପୋଚ ଓ ୨,୦୯୩ ଲିଟର ଦେଶୀ ମଦ ଜବତ; ୩ ଗିରଫ, ୨ ଫେରାର



ଭାଲେଶ୍ୱର, ୨୦/୧୧ (ଆ.ପ୍ର) : ଭାଲେଶ୍ୱର ଜିଲ୍ଲାରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି । ଗୋଟିଏ ଦିନରେ ଦୁଇଟି ଥାନା ଅଂଚଳର ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ ଜରି ୭,୬୫୦ ଲିଟର ମଦ ପ୍ରସ୍ତୁତି ପାଇଁ ଉଦ୍ଧାରଯାଇଥିବା ପୋଚ (ଏସ୍‌ଏମ୍ ଖ୍ରିଷ୍ଟ) ଏବଂ ୨,୦୯୩ ଲିଟର ଦେଶୀ ମଦ ଜବତ କରାଯାଇଛି । ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ଚାଟି, ଡିଷ୍ଟିଲେସନ୍ ଯନ୍ତ୍ରପାତି ଓ ବିପୁଳ ପରିମାଣର ଜଂତାମାଳ ନଷ୍ଟ କରାଯାଇଛି । ଜବତ ଓ ନଷ୍ଟ ସାମଗ୍ରୀର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଅଧିକ ହେବ । ଏହି ଘଟଣାରେ ୫ଟି ମାମଲା ରୁଜୁ ହୋଇଥିବାବେଳେ ୩ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । ଅନ୍ୟ ଦୁଇ ଅଭିଯୁକ୍ତ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି । ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ବଡ଼ା ଥାନା ଅଧୀନ ରାଜଘାଟ ଏବଂ ଗାଇବଣିଆ ଥାନା ଅଧୀନ ବାଘୁଡୁବା ଓ କବାଟାଘାଟି ଗ୍ରାମରେ ଏକକାଳୀନ ଚଢ଼ଉ କରାଯାଇଥିଲା । ଏହି ଅଂଚଳଗୁଡ଼ିକରେ ଦୀର୍ଘଦିନ ଧରି ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ଚାଲିଥିବା ସୂଚନା ପାଇ ଅବକାରୀ ଟିମ୍ ଏହି ଅଭିଯାନ ଆରମ୍ଭ କରିଥିଲା । ଚଢ଼ଉ ସମୟରେ ବିଭିନ୍ନ ସ୍ଥାନରୁ ୭,୬୫୦ ଲିଟର ଏସ୍‌ଏମ୍ ଖ୍ରିଷ୍ଟ ଓ ୨,୦୯୩ ଲିଟର ଦେଶୀ ମଦ ଜବତ ହୋଇଥିଲା । ଏଥିସହ ମଦ ରାନ୍ଧିବା ପାଇଁ ବ୍ୟବହୃତ ଚାଟି, ଡିଷ୍ଟିଲେସନ୍ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସାମଗ୍ରୀ ଠାକ କରାଯାଇଥିଲା । ବୋଆଳ ମଦ ପ୍ରସ୍ତୁତିର ମୂଳ ଉତ୍ସକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଏସବୁ ସାମଗ୍ରୀକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା । ଏହି ଅଭିଯାନରେ ରାଇବଣିଆ ଥାନା ଅଂଚଳର କବାଟାଘାଟି ଗ୍ରାମର ରାମା ହାଁସଦା, ଜଦୁପଡ଼ା ଗ୍ରାମର ସାଲେ ହୁଡୁ ଏବଂ ଗୋଟିଚାରାବଦ୍ଧ ଗ୍ରାମର ଜଣି ହୁଡୁକୁ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରି ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ, ଚଢ଼ଉ ସମୟରେ ଆଉ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବା ପାଇଁ ତଦନ୍ତ ଓ ତଦ୍ୟମ ଜାରି ରହିଛି । ଏହି ମିଳିତ ଅଭିଯାନରେ ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍‌ର ଆଇଆଇ ଅଭିଜାତ ସାହୁଙ୍କ ନେତୃତ୍ୱରେ ତାଙ୍କ ଟିମ୍, ଜଳେଶ୍ୱର ସାଡେଇଲାଇଟ୍ ୟୁନିଟ୍‌ର ଆଇଆଇ ଲକ୍ଷ୍ୟ ସାଧବ ପ୍ରଧାନ ଓ ତାଙ୍କ ଟିମ୍ ଏବଂ ଜଳେଶ୍ୱର ଅଥାଲସି ଉତ୍ତରେ ଅବକାରୀ ଆନୁଚର କର୍ମଚାରୀମାନେ ସାମିଲ ହୋଇଥିଲେ । ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି କେନ୍ଦ୍ର ଓ ତୋରା ମଦ କାରବାର ବିରୋଧରେ ଆଗକୁ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ଅବକାରୀ ମୋବାଇଲ ୟୁନିଟ୍‌ର ଆଇଆଇ ଅଭିଜାତ ସାହୁ ପ୍ରକାଶ କରିଛନ୍ତି ।

ରେମୁଣାର ୩ ପଂଚାୟତରୁ ୧୧୪୫ ଜଣ ସ୍ଥାନାନ୍ତର ଧାନ ଫସଲ ପାଇଁ ପୁଣି ବିପଦ; କୃଷି ବିଭାଗର ସତର୍କତା



ରେମୁଣା, ୨୦/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅକ୍ରାନ' ପ୍ରଭାବରେ ଲଗାଣ ବର୍ଷା ଓ ଜଳବାୟୁ ଆଶଙ୍କାକୁ ଦୃଷ୍ଟିରେ ରଖି ରେମୁଣା ବୁକର ଦୁଖରା, ଚଂଦୁଡ଼ି ଓ ଚାଉଦାର ପଂଚାୟତରୁ ୧୧୪୫ ଜଣଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଅଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ଗତକାଲି ଗାତିରେ ୬୫୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆଜି ଅତିରିକ୍ତ ଲୋକଙ୍କୁ ନିଆଯାଇଛି । ଅଶ୍ରୟସ୍ଥଳରେ ସେମାନଙ୍କୁ ରାତ୍ରୀ ଖାଦ୍ୟ ଯୋଗାର ଦିଆଯାଇଛି । ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଗତ ୩୬ ଘଂଟା ମଧ୍ୟରେ ରେମୁଣାରେ ମୋଟ ୪୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଲଗାଣ ବର୍ଷା ଯୋଗୁଁ ଚାଷ ଜମିରେ ଜଳ ଜମିବା ସହ ପାଚି ଆସୁଥିବା ଧାନ ଫସଲ ନଷ୍ଟ ହେବା ଆଶଙ୍କା ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ସତର୍କତାମୂଳକ ପରାମର୍ଶ ଜାରି ହୋଇଛି । ପାଚି ଅମଳ ଉପଯୋଗୀ ଧାନକୁ ଶୀଘ୍ର ଅମଳ କରି ସୁରକ୍ଷିତ ଓ ଶୁଖିଲା ସ୍ଥାନରେ ରଖିବା ସହ ଜମିରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନ କରିବାକୁ ବିଭାଗ ପରାମର୍ଶ ଦେଇଛି । ମକା, ମାଣ୍ଡିଆ, ଜାରି ଓ ତିଳବୀଜ ଫସଲର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାକୁ କୁହାଯାଇଛି । କୃଷି ବିଭାଗର ସୂଚନା ଅନୁସାରେ, ରେମୁଣା ବୁକରେ ୧୨ ହଜାର ୮୧୯ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ପୂର୍ବ ବର୍ଷା ଓ ବନ୍ୟାରେ ପ୍ରାୟ ୪୦ ପ୍ରତିଶତ ଫସଲ ନଷ୍ଟ ହୋଇଥିଲା । ଏବେ ପୁଣି ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପାଟି ଆସୁଥିବା ଧାନ ଫସଲ ପାଇଁ ଆଉ ଏକ ବିପଦ ସୃଷ୍ଟି କରିଛି । ବର୍ଷା ପରେ ରୋଗପୋକ ଆକ୍ରମଣ ଆଶଙ୍କା ଥିବାରୁ ଜମି ଉପରେ ନଜର ରଖି କୃଷି ବିଭାଗର ପରାମର୍ଶ ଅନୁସରଣ କରିବାକୁ ଚାଷୀଙ୍କୁ ଅନୁରୋଧ ଦିଆଯାଇଛି ।

ରାଜ୍ୟସ୍ତରୀୟ ସ୍ୱରଭିରେ ପ୍ରଥମ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ

ସିମୁଳିଆ, ୨୦/୧୧ (ଆ.ପ୍ର) : ରାଜ୍ୟସ୍ତରୀୟ ସ୍ୱରଭି କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ଧାରୀଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ ପ୍ରକାଶ ସିମୁଳିଆ ବ୍ଲକ ଯିଏମଶ୍ରୀ ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ 'ସମୃଦ୍ଧ ରାଷ୍ଟ୍ର ଓ ସମୃଦ୍ଧ ସଂସ୍କୃତି' ନୃତ୍ୟ ବୁଭନେଶ୍ୱର ଜେପିଙ୍ଗଲ ଭାଇସ୍ଥଳରେ ଅନୁଷ୍ଠିତ ସ୍ୱରଭି ମାନ୍ୟତା ପାଇ ରାଜ୍ୟ ସ୍ତରୀୟ ପ୍ରଥମ ହୋଇଛନ୍ତି । ଏହି ବିଦ୍ୟାଳୟର ଛାତ୍ରୀ ଅନନ୍ୟା ଧନ, ରାଜଲକ୍ଷ୍ମୀ ନାୟକ, ନିବେଦିତା ମାଝି, ଲିରଣ୍ଡା ଜ୍ୟୋତି ନାୟକ, ଶ୍ରୁତଶୀ ଲେଙ୍କା, ବର୍ଷା ପ୍ରିୟଦର୍ଶିନୀ ପଣ୍ଡା ଓ ମଧୁମିତା ପାତ୍ରି ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ଏହି ଅବସରରେ ଯିଏମଶ୍ରୀ ଗଙ୍ଗାଧରାୟଣ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈକୋଣ ଚନ୍ଦ୍ର ମାଝି ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ବସନ୍ତ କୁମାର ନାୟକ, ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ମହାନ୍ତି, ବିଦ୍ୟାରମ୍ଭି ଅଜୟ କୁମାର ପଣ୍ଡା, ପ୍ରମୁଖ ଯୋଗଦେଇ ସୁରଭି ପ୍ରତିଭା ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ମିଠା ମୁଖ ସଂଜମନିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଭୟଙ୍କର ସଡ଼କ ଦୁର୍ଘଟଣା ଚାଲିଗଲା ୨ ଜଣଙ୍କ ଜୀବନ



ନାଳଗିରି, ୨୦/୧୧ (ଆ.ପ୍ର) : କାର୍ ବାଇକ୍ ମୁହାଁମୁହିଁ ଧକ୍କାରେ ଚାଲିଗଲା ଦୁଇ ଜଣଙ୍କ ଜୀବନ । ଛେଚିଇଜି ଅନ୍ୟ ତିନି ଜଣ ଗୁରୁତର ହୋଇ ପଡ଼ିରହିଛନ୍ତି । ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି ନାଳଗିରି ୧୯ ନମ୍ବର ରାଜ୍ୟ ରାଜପଥର ଯୋଡ଼ାଗୁଡ଼ର ମଝି ମାମୁଡିହି ଛକ ନିକଟ ଜେ.ଡି ଇଟା ଭାଟି ସଂଲଗ୍ନରେ । ସୂଚନାନୁସାରେ ଜଣାଯାଇଛି, ଶୁକ୍ରବାର ୨.୩୦ ସମୟରେ ନାଳଗିରି ପଟୁ ସଜନାଗଡ଼ ଆଡ଼କୁ ଆସୁଥିବା ଏକ ଚ୍ୟୁଏଲ୍ ଜାଗୁଲ୍ ସଜନାଗଡ଼ ପଟୁ ଏକ ପରସର ବାଇକ୍ ଆସି ମୁହାଁମୁହିଁ ଧକ୍କା ଦେଇଥିଲା ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ୍‌ରେ ବସିଥିବା ଲୋକ ରାସ୍ତାରେ ଛିଟିକି ପଡ଼ିଥିଲେ । ପରେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁଇ ଜଣଙ୍କୁ ନାଳଗିରି ମେଡିକାଲକୁ ନିଆଯାଇଥିବା ବେଳେ ପ୍ରଥମେ ବାଇକ୍ ଆରୋହୀ କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିବା ବେଳେ, ବାଇକ୍‌ରେ ବସିଥିବା ଲୋକ ବିକିସାଧ୍ୟକ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେହିଭଳି ଜାର ଭିତରେ ଥିବା ଚାଳକ ଓ ଦୁଇ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଅହତ ମାନଙ୍କୁ ନାଳଗିରି ମେଡିକାଲକୁ ପଠା ଯାଇଥିବା ବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଥିବା କାଲେଶ୍ୱର ମେଡିକାଲ କଲେଜକୁ ପଠାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କାର୍ ଓ ବାଇକ୍ ଦୁଇଗତିରେ ଆସୁଥିଲେ । ଘଟଣା ସ୍ଥଳରେ ନାଳଗିରି ପୋଲିସ ପହଂଚି ଗାଡ଼ି ଦୁଇଟି ଜବତ କରି ତଦନ୍ତ କରୁଛି । ତେବେ ଖବର ଲେଖିବା ବେଳକୁ ଦୁଇ ମୃତ ବ୍ୟକ୍ତି ବାଇକ୍ ଆରୋହୀ ନାଳଗିରି ବୁକ ଜତିଆ ପଂଚାୟତ ଡେଙ୍ଗାସାହି ଗ୍ରାମର ମାନସିଂ ସୋରେନ ଓ ବାଇକ୍‌ରେ ବସିଥିବା ଲୋକ ଜାମୁଡିହା ପଂଚାୟତ ଜରିପାଳ ଗ୍ରାମର ଲୁଣ ସିଂ ଡୋଲି ସୂଚନା ମିଳିଛି ।

ବାତ୍ୟା ଅକ୍ରଭାନ; ୪୫୦ଲୋକ ସ୍ଥାନାନ୍ତର, ୫ଟି ସେଂଟରରେ ରନ୍ଧାଖାଦ୍ୟ ବଂଟନ

ନାଳଗିରି, ୨୦/୧୧ (ଆ.ପ୍ର) : ବାତ୍ୟା ଆକ୍ରଭାନକୁ ଆଖିଆଗରେ ରଖି ନାଳଗିରି ବୁକର ୪୫୦ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏଥିସହ ୫ଟି ବାତ୍ୟା ଅଶ୍ରୟସ୍ଥଳାରେ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଇଥିବା ଜଣାଯାଇଛି । ଏତଦ୍ ବିନ୍ନ ଆସାମୀ ୨୪ ଘଂଟା ପାଇଁ ସତର୍କ ରହିବାକୁ ପ୍ରଶାସନ ତେତାବନୀ ଦେବାସହିତ ଜରୁରୀକାଳୀନ ସେବା ପାଇଁ ୮୦୯୩୦୭୦୯୦୯୬ ନମ୍ବର ଜାରି କରାଯାଇଛି । ସୋନନଦୀ ଅବକାହିକା ଅଂଚଳରେ ୪ଟି ଗ୍ରାମରେ ରନ୍ଧାଖାଦ୍ୟ ଯୋଗାର ବିଆଯାଇଥିବା ତେବେ ଗତରି ଫଂଚାୟତର ଦିଆକଟା ଠାରେ ଅସ୍ଥାୟୀ ଆଶ୍ରୟସ୍ଥଳରେ ପ୍ରଶାସନ ପକ୍ଷରୁ ରନ

ସମ୍ବାଦ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଧ୍ୟାନ ଦେବା

ଯେକୌଣସି ବିପର୍ଯ୍ୟୟ- ପ୍ରାକୃତିକ ହେଉ କି ମନୁଷ୍ୟକୃତ, ତାହା ଅବଶ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ; ଅଧିକ ପରିମାଣରେ ପ୍ରଭାବିତ କରିଥାଏ ଅସୁରକ୍ଷିତ ବର୍ଗକୁ । ଠିକ୍ ସେମିତି ଅର୍ଥନୀତିକ ହେଉ କି ସ୍ୱାସ୍ଥ୍ୟଗତ ସଙ୍କଟ ମଧ୍ୟ ଅସୁରକ୍ଷିତ ବର୍ଗଙ୍କ ଉପରେ ଅସମାନୁପାତିକ ଭାବରେ ପ୍ରଭାବ ପକାଇ ଥାଏ । କୋଭିଡ୍-୧୯ ମହାମାରୀ ପୃଥିବୀରେ ଏହି ଅବଧାରଣାର ପୁନରାବୃତ୍ତି କରିଥିଲା । ଏହି ମହାମାରୀର ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯିବା ପରେ ଅନେକ ଲୋକ ସେମାନଙ୍କର କର୍ମନିଯୁକ୍ତି ହରାଇଲେ । ଏମାନଙ୍କ ମଧ୍ୟରେ ମହିଳାମାନେ ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ଏହାପରେ ମହିଳାମାନଙ୍କ ଉପରେ ଘର କାମର ବୋଝ ବହୁତ ବଢ଼ିଥିଲା । ଜାତିସଂଘର ଅଧ୍ୟୟନ ଏକଥା ପୂର୍ବରୁ ଉଲ୍ଲେଖ କରି ସାରିଛି । ତେବେ ମହିଳାମାନଙ୍କ ପୂର୍ବଶାର ଅନ୍ତ ଏତିକିରେ ଘଟିିଯା ନାହିଁ । ନିକଟରେ ଲାଉଡର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେ ଉଲ୍ଲେଖ କରିଛି ଯେ ମହିଳାମାନଙ୍କ ପାଇଁ ମହାମାରୀ ବୃତ୍ତ ବୁଲିଟି ସଙ୍କଟ ବନ୍ଧନ କରି ଆଣିଛି । ଲକ୍‌ଡାଉନ୍ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ଚାକିରି ହରାଇବାର ସମ୍ଭାବନା ଯେ କେବଳ ପୁରୁଷମାନଙ୍କ ତୁଳନାରେ ଷାଡ଼ଗୁଣ ଅଧିକ ଥିଲା, ତା' ନୁହେଁ, ବରଂ ଅନ୍‌ଲକ୍ ହେବା ପରେ ସେମାନଙ୍କର କର୍ମକ୍ଷେତ୍ରକୁ ନ ଫେରିବାର ସମ୍ଭାବନା ପୁରୁଷମାନଙ୍କ ତୁଳନାରେ ଏଗାର ଗୁଣ ଅଧିକ । ଏହି ସଙ୍କଟର ମାତ୍ରା ଅତ୍ୟନ୍ତ ବିପୁଳ । ମହାମାରୀର ଆଗମନ ପୂର୍ବରୁ ଯେତିକି ମହିଳା ଚାକିରି କ୍ଷେତ୍ରରେ ଥିଲେ, ସେମାନଙ୍କ ମଧ୍ୟରୁ ଅଧା ସଂଖ୍ୟକ ଲକ୍‌ଡାଉନ୍ ସମୟରେ ଚାକିରି ହରାଇ ଥିବା ବେଳେ ଲକ୍‌ଡାଉନ୍ ଶେଷ ହେବା ପରେ ଆଉ ସେମାନେ ଚାକିରି ଆରମ୍ଭ କରି ପାରିଲେ ନାହିଁ । ପରିଣତି ସ୍ୱରୂପ, ଚାକିରି କ୍ଷେତ୍ରରେ ମହିଳାମାନଙ୍କ ଭାଗସାମ୍ୟ ନଷ୍ଟ ହୋଇଛି । ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ହିଁ ସ୍ପଷ୍ଟ ହେଉଛି କର୍ମକ୍ଷେତ୍ରରେ ମହିଳାମାନଙ୍କର ଏପରି ଭାରସାମ୍ୟହୀନତାର ଜେଡର କାରଣ । ଉଦାହରଣ ସ୍ୱରୂପ, ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀମାନଙ୍କ ଅପେକ୍ଷା କର୍ମକ୍ଷେତ୍ରକୁ ଫେରିବାର ସମ୍ଭାବନା କମ୍ ଥିଲା, ଯେଉଁଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ଉଚ୍ଚାୟ ଲିଙ୍ଗ ଭିତରେ ବିଦ୍ୟମାନ ଶ୍ରମ ବିଭାଜନ ଅନୁସାରେ ଘର କାମର ଦାୟିତ୍ୱ ମଧ୍ୟ ଅଙ୍ଗମାନ ଭାବରେ ଆବଣ୍ଟିତ ହେବାର ପ୍ରତିମାଣ ଅଧିକ ବୃଦ୍ଧି ପାଇଥିଲା । ପରିବାରର ବିସ୍ତର ସେରଖି, ମହିଳାମାନଙ୍କ ଶିକ୍ଷାସ୍ତର ପୃଷ୍ଠଭୂମି ମଧ୍ୟ ସେମାନଙ୍କ ରାସ୍ତା ବଦଳାଇବାରେ ସହାୟକ ହୋଇନାହିଁ । ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇବା ନିମନ୍ତେ ଅଧିକ ଶିକ୍ଷାସ୍ତର ଯୋଗ୍ୟତା ଆବଶ୍ୟକ ହୋଇଥାଏ । କିନ୍ତୁ ଏ କ୍ଷେତ୍ରରେ ସୁଦ୍ଧା ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପୁରାନିଯୁକ୍ତି ପାଇବାର ସମ୍ଭାବନା କମ୍ ଥିଲା । ଏହି ସୂଚନା ଅନେଳଂଶରେ ଚିନ୍ତା ଉତ୍ରେକକାରୀ । ୨୦୧୧ ଜନଗଣନାର ତଥ୍ୟ ଅନୁସାରେ ୨୦୦୧ରୁ ୨୦୧୧ ମଧ୍ୟରେ ସ୍ନାତକୋତ୍ତର, ପେସାଗତ ଏବଂ ବୈଷୟିକ ଡିଗ୍ରୀ ହାସଲ କରିବା କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି, କିନ୍ତୁ ଏକଥା ସ୍ପଷ୍ଟ ଯେ ଏହି ଡିଗ୍ରୀଗୁଡ଼ିକ ଅନୁରୂପ କର୍ମନିଯୁକ୍ତିର ସୁଯୋଗସୃଷ୍ଟିକି କମ୍ ଥିଲା ଏବଂ ମହାମାରୀ ପରେ ଏହା ଆହୁରି ସଂକୁଚିତ ହୋଇ ଯାଇଛି । କର୍ମନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟାରେ ଉନ୍ନତି ନ ଘଟିବା ଦିଗରେ ଏକ ପ୍ରମୁଖ ପ୍ରତିବନ୍ଧକ ହେଉଛି ଲିଙ୍ଗ-ଭିତ୍ତିକ ପକ୍ଷପାତିତାପୂର୍ଣ୍ଣ ମନୋଭାବ । ମହାମାରୀ ସମୟରେ ଏହା ଅଧିକ ବୃଦ୍ଧି ପାଇଥିବା ମନେହୁଏ । ଏଥିରେ ସନ୍ଦେହ ନାହିଁ ଯେ ମହାମାରୀ ଅବସ୍ଥାରେ ଦେଶର ଅର୍ଥନୀତିକ ପରିସ୍ଥିତି ବିଗିଡ଼ିବାକୁ ଆରମ୍ଭ କରିଥିବା ବେଳେ ମହାମାରୀ ଏହାକୁ ଅଧିକ ନିମ୍ନଗାମୀ କରାଇ ଥିବା ଯାହାକୁ ସୁଧାରିବାକୁ ସରକାରଙ୍କୁ ଅନେକଗୁଡ଼ିଏ ପ୍ୟାକେଜ୍ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ସେ ଯାହାହେଉ, ପରିସ୍ଥିତିରେ ଧୀରେ ସୁଧାର ଆସିବାକୁ ଆରମ୍ଭ କରିଛି; ଅର୍ଥାତ୍, ଦେଶ ଅର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବାକୁ ଆରମ୍ଭ କରିଛି । ଏହା ଏକ ଶୁଭ ସୂଚନା । ତେଣୁ ସରକାର ଏତେ କର୍ମନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ମହିନା କର୍ମଚାରୀଙ୍କ ପାଇଁ କର୍ମ ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀମାନେ ସେମାନଙ୍କ ପାଇଁ ଘରେ ରହି କାମ କରିବା ବା ଥ୍ୟାର୍ଡ୍ ପ୍ରମ୍ ହୋମ୍‌ର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ତେବେ ଏସବୁ ସଂଗଠିତ କ୍ଷେତ୍ରମାନଙ୍କରେ ସମ୍ଭବପର ହେବାର ସମ୍ଭାବନା ଥିବା ବେଳେ ଅଧିକ ବିପଦଗ୍ରସ୍ତ ହେଉଛି ଅସଂଗଠିତ କ୍ଷେତ୍ରଗୁଡ଼ିକ, ଯେଉଁଠି କର୍ମନିଯୁକ୍ତି ଅଧିକାଂଶ ଲାଭ ଜନକ କରିଥାଏ । ତଥ୍ୟ ଅନୁସାରେ ଏହି କ୍ଷେତ୍ରରେ କାମ କରୁଥିବା ନିଯୁକ୍ତି କମ୍‌ରେ ୨୨ ପ୍ରତିଶତ ମହିନା ବର୍ତ୍ତମାନ ସୁଦ୍ଧା କର୍ମ କ୍ଷେତ୍ରରୁ ବାହାରେ ରହିଛନ୍ତି ଏବଂ ସେମାନଙ୍କୁ ପୁନଃ କର୍ମନିଯୁକ୍ତି ପ୍ରଦାନ କରିବା ବାବଦରେ କୌଣ୍ଡ ଧ୍ୟାନ ଦିଆଯାଇଛି ବା ନାତି ନିର୍ଦ୍ଧାରଣ କରାଯାଇଛି । ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବାଲୋକମାନଙ୍କ ପାଇଁ ଅଧିକାର-ଭିତ୍ତିକ ଶ୍ରମ ସହିତ ଅନ୍ତର୍ଭୁକ୍ତିମୂଳକ କର୍ମନିଯୁକ୍ତି ନିମନ୍ତେ ସୁଦ୍ଧାକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ଉଚିତ ।

ବାଲିଯାତ୍ରା : କାର୍ତ୍ତିକ ପୂର୍ଣ୍ଣିମାର ନୌବାଣିଜ୍ୟ ମେଳା

॥ କ୍ଷୀରୋଦିନୀ ବେହେରା (ସ୍ୱପ୍ନା) ॥

ଓଡ଼ିଶାର ଇତିହାସ, ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ ଏକ ଗୌରବମୟ ଉତ୍ସବ ହେଉଛି ବାଲିଯାତ୍ରା । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାଠାରୁ ବଟଳର ମହାନଦୀ କୂଳସ୍ଥ ଗଡ଼ଗଡ଼ିଆ ଘାଟରେ ଏହି ବିଜୟ ମେଳା ଆରମ୍ଭ ହୋଇଥାଏ । ଏହି ମେଳା ଦେଖିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରୁ ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ । ପ୍ରତି ସନ୍ଧ୍ୟାରେ ବିଭିନ୍ନ ଉଚ୍ଚାଙ୍ଗର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ କଳା ପରିବେଷଣ ବର୍ଷକ ବର୍ଷକୁ ମନ୍ତ୍ରମୁଗ୍ଧ କରିଥାଏ । ପ୍ରାଚୀନ କାଳରେ ଓଡ଼ିଶାର ବଣିକମାନେ ଏହି ଗଡ଼ଗଡ଼ିଆ ଘାଟରୁ ବାଣିଜ୍ୟ ତରୀ ନେଇ ଯାଉଥିଲେ । ସେହି ସମୟରେ ଜଳିଯାନ ସାଧବ ପୂଅମାନେ ବୋଇତରେ ସମୁଦ୍ର ପଥ ଦେଇ ଜାଭା, ବାଲି, ସୁମାତ୍ରା ଓ ବୋର୍ଣ୍ଣିଓ ଭଳି ଦ୍ୱୀପକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଓଡ଼ିଶାରୁ ବିଭିନ୍ନ ସାମଗ୍ରୀ ନେଇ ଯାଉଥିବା ବଣିକମାନେ ସେଠାରୁ ମସଲା ଓ ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ଧରି ଫେରୁଥିଲେ । ସମୁଦ୍ରର ପୃଷ୍ଠିଓଟ୍ଟ ଓ ଜଳବନ୍ଦ୍ୟୁଙ୍କ ଭୟ ସତ୍ତ୍ୱେ ସେମାନେ ଅତ୍ୟନ୍ତ ସାହସ ଓ ନୌଚାଳନା ଦକ୍ଷତା ବଳରେ ଏହି ସାମୁଦ୍ରିକ ବାଣିଜ୍ୟ ଜାରି ରଖିଥିଲେ । ଏହି ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବାଲିଯାତ୍ରାରେ ପ୍ରତିଫଳିତ ହୋଇଥାଏ । ବର୍ଷାଋତୁ ଶେଷ ହେବା ପରେ ଅକ୍ଟୋବର ଓ ନଭେମ୍ବର ମାସରେ ମୌସୁମୀ ପବନର ଦିଗ ଓ ଗତିରେ ପରିବର୍ତ୍ତନ ହେଉଥିଲା । ଏହି ସମୟ ପାଇଚାଣା ଡୋଙ୍ଗାଗୁଡ଼ିକର ସମୁଦ୍ରଯାତ୍ରା ପାଇଁ ଅନୁକୂଳ ଥିଲା । ତେଣୁ ସାଧବମାନେ କାର୍ତ୍ତିକ ପୂର୍ଣ୍ଣିମା ଭଳି ପବିତ୍ର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କୁ ସ୍ମରଣ କରି ବାଣିଜ୍ୟ ଯାତ୍ରା ଆରମ୍ଭ କରୁଥିବା କଥା ଲୋକପରମ୍ପରାରେ ପ୍ରଚଳିତ । ବାଲିଯାତ୍ରାର ନାମକରଣକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ରହିଛି । କେତେକଙ୍କ ମତରେ, ନଦୀକୂଳର ବାଲୁକାମୟ ସ୍ଥାନରେ ସାଧବମାନେ ଏକାଠି ହୋଇ ବୋଇତ ଯାତ୍ରା ଆରମ୍ଭ କରୁଥିବାରୁ ଏହାର ନାମ ବାଲିଯାତ୍ରା ହୋଇଛି । ବାଲିଦ୍ୱୀପରୁ ବାଣିଜ୍ୟ ସାରି ଯେଉଁ ସମୟରେ ସାଧବମାନେ ଫେରିବା ସମୟରେ ସେମାନଙ୍କୁ ସ୍ୱାଗତ କରିବା ପାଇଁ ଲୋକମାନେ ନଦୀକୂଳରେ ଏକତ୍ରିତ ହେଉଥିଲେ । ଏହି ଅବସରରେ ମେଳା ଓ ଉତ୍ସବର ଆୟୋଜନ ହେଉଥିଲା । ଏହିପରି ଭାବେ ବାଲିଯାତ୍ରାର ପରମ୍ପରା ଗଢ଼ିଉଠିଥିବା କୁହାଯାଏ । ତେବେ ସମୟକ୍ରମେ ବ୍ରିଟିଶ ଶାସନ, ଆଧୁନିକ ଜାହାଜର ପ୍ରଚଳନ ଓ ସୁଜଳପଥର ବିକାଶ ଯୋଗୁଁ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଧୀରେ ଧୀରେ ଲୋପ ପାଇଥିଲା । କିନ୍ତୁ ସାଧବ ପୁଅମାନଙ୍କ ସେହି ସାହସିକ ଯାତ୍ରା ଓ ଗୌରବମୟ ଐତିହ୍ୟର ସ୍ମୃତିକୁ ଆଜି ମଧ୍ୟ ବାଲିଯାତ୍ରା ଜାଡ଼' ବହୁଛି ।

ବାଲିଯାତ୍ରାର ଗୌରବମୟ ପରମ୍ପରାକୁ ସ୍ମରଣ କରି ଆଜି ମଧ୍ୟ ଲାକ୍ଷିକ ପୂର୍ଣ୍ଣିମା ଦିନ ଓଡ଼ିଶାର ନଦୀ, ପୋଖରୀ ଓ ବିଭିନ୍ନ ଜଳାଶୟରେ ଲୋକମାନେ କଦଳୀ ପତ୍ରଲା ଓ ଜାଗରରେ ଡିଆଁରି ଛୋଟ ଛୋଟ ଡଙ୍ଗା ଭସାଇଥାନ୍ତି । ଏହି ପରମ୍ପରାକୁ 'ଡୋଙ୍ଗା ବଦ୍ଧାଣ' କୁହାଯାଏ । ଏହି ଅବସରରେ 'ଆ ଜା ମା ଦେ, ପାନ ଗୁଆ ଥୋଇ, ପାନ ଗୁଆ ଗୋର, ମାସର ଧରମ ମୋର' ଗୀତ ଗାଇବାର ପରମ୍ପରା ରହିଛି । ଏହା ଆମ ପୂର୍ବପୁରୁଷଙ୍କ ସାମୁଦ୍ରିକ ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଆଜି ମଧ୍ୟ ଜୀବନ୍ତ ରଖିଛି ।

ବଟରର ମହାନଦୀ କୂଳସ୍ଥ ଗଡ଼ଗଡ଼ିଆ ଘାଟ ବାଲିଯାତ୍ରାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ । ସମାୟକ୍ରମେ ଏହି ମେଳା ଏକ ବିଶାଳ ରୂପ ଧାରଣ କରିଛି । ଏଠାରେ ଛୋଟ ଛୋଟଲୁଣାଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସାମଗ୍ରୀର ପସରା ମେଲାଇଥାନ୍ତି । ଲକ୍ଷାଧିକ ଆଗନ୍ତୁ ଜରି ଘରକରଣାର ବଡ଼ ବଡ଼ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ଏଠାରେ ମିଳିଥାଏ । ମାନାବଜାର, ବିଭିନ୍ନ ପ୍ରକାରର ଦୋଳି, ଖେଳକୁଦ ଓ ମନୋରଞ୍ଜନର ଆକର୍ଷଣୀୟ ବ୍ୟବସ୍ଥା ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଖାଦ୍ୟପ୍ରେମୀଙ୍କ ପାଇଁ ମଧ୍ୟ ଜାଲିଯାତ୍ରା ଏକ ବିଶେଷ ଆକର୍ଷଣ । ବଡିବଡା ଆଳୁଦମ୍, ଦହିପୁରୀ, ଗୁପ୍ତଚୂପ୍, ଚାଟ୍, ଚାଉମିନ୍ ଓ ବିଭିନ୍ନ ପ୍ରକାରର ବଟପତି ଖାଦ୍ୟର ସ୍ୱାଦ ଏଠାରେ ଜାହିଁକି ଦେଖିବାକୁ ମିଳେ । ଏଥିସହ ଓଡ଼ିଶାର ହସ୍ତଶିଳ୍ପ, ହାତତୁଣ୍ଡା ବସ୍ତ୍ର, ଜାଟ ଓ ମାଟିର କଳାକୃତି ସମେତ ବିଭିନ୍ନ ଘରୋଇ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ ହୋଇଥାଏ । ଏହାଦ୍ୱାରା ସ୍ଥାନୀୟ କାରିଗର, କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀମାନେ ନିଜର ଉତ୍ପାଦକୁ ଲୋକଲୋଚନକୁ ଆଣିବାର ସୁଯୋଗ ପାଇଥାନ୍ତି ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ମଧ୍ୟ ଅର୍ଥାତ୍ମକ କାରବାର ବଢ଼ିଥାଏ । ଏହା ଅନେକ ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇଥାଏ । ବାଲିଯାତ୍ରା କେବଳ ଏକ ମନୋରଞ୍ଜନମୂଳକ ମେଳା ନୁହେଁ, ବରଂ ଏହା ଆମ ଐତିହ୍ୟ, ପରମ୍ପରା, ବାଣିଜ୍ୟ, କଳା ଓ ଲୋକସଂସ୍କୃତିର ଏକ ଅନନ୍ୟ ସମନ୍ୱୟ । ଏହା ଓଡ଼ିଆ ଜାତିର ଗାଉସ, ସ୍ୱାଭିମାନ, ଗୌରବମୟ ଅତୀତ ଓ ସଂସ୍କୃତିକ ଅଭିତ୍ତାର ଜାଡ' ପ୍ରତୀକ । ଏହି ମହାନ ପରମ୍ପରାକୁ ସଂରକ୍ଷଣ କରିବା ସହ ଏହାର ଐତିହାସିକ ଦିଗ ଉପରେ ଅଧିକ



ସେଇଠି ଆରମ୍ଭ

SEITHO ARAMBHA

ଶନିବାର, ୧୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫



ପଂଚସଖାଙ୍କ ଦର୍ଶନରୁ ଆଧୁନିକ ଚିନ୍ତନ ପର୍ଯ୍ୟନ୍ତ: ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ ପାଳିତ



ଭୁବନେଶ୍ୱର, ୨୦/୧୧ (ଆ.ପ୍ର) : ବିଶ୍ୱ ଦର୍ଶନ ଦିବସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ ଗତ ୧୯ ତାରିଖରେ 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ' ଶୀର୍ଷକ ଏକ ବିଜିକିଆ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଓଡ଼ିଶାର ଦାର୍ଶନିକ ପରମ୍ପରା, ଦର୍ଶନ ଶିକ୍ଷାର ଐତିହାସିକ ବିକାଶ ଏବଂ ପ୍ରାଚୀନ ଜ୍ଞାନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଦାର୍ଶନିକ ଚିନ୍ତନର ବିବିଧ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଜେକେବିକେ କଲେଜର ପ୍ରାକ୍ତନ ଦର୍ଶନ ପ୍ରଫେସର ଡ. ନାରାୟଣ ମହାନ୍ତିଙ୍କ ଉଦ୍‌ବୋଧନରେ 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ' ପୁସ୍ତକକୁ ଆଧାର କରି ଆୟୋଜିତ ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ସେମ୍ଭଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପତିତପାବନ ଦାସ, ଗମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଡ. କଳ୍ୟାଣୀ ଦାସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ଶୁଭଙ୍କରୀ ପତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଡ. ସୁଧାକର ଜାଲି ଯୋଗଦେଇ ଓଡ଼ିଶାର ଦାର୍ଶନିକ ପରମ୍ପରା, ମଧ୍ୟଯୁଗୀୟ ଓ ଆଧୁନିକ ଚିନ୍ତନ ଓ ଶିକ୍ଷାର ବିକାଶରେ ଦର୍ଶନର ପରମ୍ପରାର ବିବିଧ ଦିଗ ଉପରେ ନିଜ ନିଜର ମତ ରଖିଥିଲେ । ବିଶିଷ୍ଟଜନଙ୍କ ପଂଚସଖା-ଜନରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସଙ୍କ ଭକ୍ତି, ଜ୍ଞାନ, ଯୋଗ ଓ ସମାନତାଭିତ୍ତିକ ଦର୍ଶନ ଉପରେ ଆଲୋକପାତ କରାଯାଇଥିଲା । ଏଥିସହ ମହିମା ଗୋସାଇଁ, ରାମ ଚାଉଳ ଏବଂ ଦେବାନ୍ତ ଓ ବୈଷ୍ଣବ ଦର୍ଶନ କ୍ଷେତ୍ରରେ ଜଳଦେବ ବିଦ୍ୟାଭୂଷଣଙ୍କ ଅବଦାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଓଡ଼ିଶାର ଦାର୍ଶନିକ ଚିନ୍ତନ ଓ ଶିକ୍ଷାର ବିକାଶରେ ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳକେଶରୀ ପଟି, ଗାନ୍ଧୀଶ୍ୱର ମିଶ୍ର ଏବଂ ଆଧୁନିକ ଦାର୍ଶନିକ ଜେଏନ୍ ମହାନ୍ତି ଓ ଜିତି ନାୟକଙ୍କ ବୌଦ୍ଧିକ ଅବଦାନକୁ ବର୍ତ୍ତମାନର ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ଗବେଷକ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଦାର୍ଶନିକ ଚିନ୍ତନ ଓ ଜ୍ଞାନର ବିବିଧ ଦିଗ ଉପରେ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଡ. ପ୍ରଜ୍ଞା ମହାପାତ୍ର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜୁ ଯୁବ ଜନତା ଦଳର ଜୋରାପୁଟ ଜିଲ୍ଲା ସୋସିଆଲ୍ ମିଡିଆ ସଂଯୋଜକ ହେଲେ ପ୍ରଶାନ୍ତ ଖୋରା



କୋରାପୁଟ, ୨୦/୧୧ (ଆ.ପ୍ର) : ବିଜୁ ଯୁବ ଜନତା ଦଳ କୋରାପୁଟ ଜିଲ୍ଲା ଶାଖାର ନୂତନ ସୋସିଆଲ୍ ମିଡିଆ ସଂଯୋଜକ ଭାବେ ପ୍ରଶାନ୍ତ କୁମାର ଖୋରାଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ନୂତନ ଦାୟିତ୍ୱ ମିଳିବା ପରେ ଶ୍ରୀ ଖୋରା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ବିଧାୟକ ଉତ୍କଳ ରଞ୍ଜନ ପଡ଼ାଲ, ପୂର୍ବତନ ସାଂସଦ ଡିନ୍ନି ହିକାକା, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ ଏବଂ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ଅବସରରେ ଶ୍ରୀ ଖୋରା କହିଛନ୍ତି ଯେ ଦଳର ନେତୃବୃନ୍ଦ ତାଙ୍କ ଉପରେ ଯେଉଁ ଭରସା ଓ ବିଶ୍ୱାସ ପ୍ରକଟ କରିଛନ୍ତି, ସେ ତାହାକୁ ସମ୍ମାନ ଦେଇ ନିଷ୍ଠାର ସହ କାର୍ଯ୍ୟ କରିବେ । ଆଗାମୀ ଦିନରେ କୋରାପୁଟ ଜିଲ୍ଲାରେ ଦଳର ସଂଗଠନକୁ ଦୃଢ଼ମୂଳ ସ୍ତରରେ ଆହୁରି ମଜବୁତ କରିବା ସହ ଦଳର ଆଦର୍ଶିମୁଖ୍ୟ, ବାର୍ତ୍ତା ଏବଂ ବିଜିନ୍ନ ଜନହିତକର କାର୍ଯ୍ୟକ୍ରମକୁ ସୋସିଆଲ ମିଡିଆ ମାଧ୍ୟମରେ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା ତାଙ୍କର ପ୍ରାଥମିକତା ରହିବ ।

'ଅକ୍ଷ' ପରିବାରର ପକ୍ଷରୁ ୨୨ରେ ହେବ ଏକ ଦିବସୀୟ ସାହିତ୍ୟ କର୍ମଶାଳା

ଦଣ୍ଡପଲ୍ଲୀ, ୨୦/୧୧ (ଆ.ପ୍ର) : ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଲୋକଚାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ 'ଅକ୍ଷ' ସାହିତ୍ୟ ପରିବାର ପକ୍ଷରୁ ଆସନ୍ତା ୨୨ ନଭେମ୍ବରରେ ତରୁଣ ଶୁଭ ଅଧିବେଶନ ଅନୁଷ୍ଠିତ ହେବ । ଓଡ଼ିଆ ସାହିତ୍ୟ ଏକାଡେମୀର ସହଯୋଗରେ ସ୍ଥାନୀୟ 'ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ' ପ୍ରେକ୍ଷାଳୟରେ ଏକଦିବସୀୟ ସାହିତ୍ୟ ସଭା ଓ କର୍ମଶାଳା ଆୟୋଜିତ ହେବ । ଏଥିରେ ଓଡ଼ିଆ ଲୋକସାହିତ୍ୟ, ଲୋକସଂସ୍କୃତି ଓ ଲୋକଜୀବନ ଉପରେ ଆଲୋଚନା ସହ ପୁସ୍ତକ ଓ 'ଅକ୍ଷ ' ପତ୍ରିକା ଉନ୍ମୋଚନ କରାଯିବ । ଏଥିସହ ରାଜ୍ୟସ୍ତରୀୟ ଲୋକସାହିତ୍ୟ ଓ ଲୋକସଂସ୍କୃତି ଭିତ୍ତିକ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଅଂଶଗ୍ରହଣକାରୀ କବିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ସଂଗଠନ ଓ ସମ୍ପାଦକ ଗାଙ୍ଗିକ ହାତିବନ୍ଧୁ ମହାନ୍ତିଙ୍କ ପକ୍ଷରୁ ସୂଚନା ମିଳିଛି ।

ବାତ୍ୟା ମୁକାବିଲା ପାଇଁ କନ୍ଧମାଳରେ ବିଜେଡିର ତତ୍ପରତା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ପରଖିଲେ ପଦ୍ମନାଭ ବେହେରା



କନ୍ଧମାଳ, ୨୦/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟାକୁ ନେଇ ସାରା ରାଜ୍ୟରେ ଚିନ୍ତା ଓ ଆଶଙ୍କା ଦେଖାଦେଇଥିବା ବେଳେ କନ୍ଧମାଳ ଜିଲ୍ଲାରେ ବିପରଗ୍ରସ୍ତ ଲୋକଙ୍କ ପାଖରେ ପହଂଚିଛି ବିଜୁ ଜନତା ଦଳ । ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲ୍ଲାର ବାତ୍ୟା ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟର ତଦାରଖ ପାଇଁ ନେତୃତ୍ୱ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଓ ଜିଲ୍ଲା ପ୍ରଭାରୀ ପଦ୍ମନାଭ ବେହେରା । ଶୁକ୍ରବାର ଶ୍ରୀ ବେହେରାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଗୁ.ଉଦୟଗିରି ଓ ରାଇକିଆ ବ୍ଲକର ବିଜିନ୍ନ ଅଂଚଳ ଗସ୍ତ କରି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ । ଏଥିସହ ପୂର୍ବରୁ ବ୍ଲକ୍‌ଜନ ଯୋଗୁଁ ପ୍ରଭାବିତ ହୋଇଥିବା ଅଂଚଳକୁ ମଧ୍ୟ ଯାଇ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷକରି ଆଶ୍ରୟସ୍ଥଳୀ ରେ ରହୁଥିବା ଲୋକଙ୍କୁ ମିଳୁଥିବା ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ଶୌଚାଳୟ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସୁବିଧାର ସ୍ଥିତି ନିଜେ ବୁଲି ଦେଖିଥିବାର ଶ୍ରୀ ବେହେରା । ବିପଦ ସମୟରେ ଆଶ୍ରୟ ନେଇଥିବା ଲୋକଙ୍କୁ ଯେପରି କୌଣସି ପ୍ରକାର ଅସୁବିଧା ନହୁଏ, ସେଥିପ୍ରତି ସତର୍କ ରହିବା ସହ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଦେଶ୍ୱାପୀ ଦଳୀୟ ନେତୃତ୍ୱାବ ନରଖି ଆବଶ୍ୟକ ସ୍ଥଳେ ପ୍ରତ୍ୟେକ ବିପଦ ପରିଚାଳନା ସହଯୋଗ କରିବା ସହ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଲୋକଙ୍କ ପାଖରେ ପହଂଚିବାକୁ ଶ୍ରୀ ବେହେରା ଗୁରୁତ୍ୱାରୋପ କରିଥିବେ ।ଉଲ୍ଲେଖଯୋଗ୍ୟ, ପୂର୍ବରୁ କନ୍ଧମାଳ ଜିଲ୍ଲାର ବେତେଳ ଅଂଚଳ ବ୍ଲକ୍‌ଜନ ଓ ପ୍ରବଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବାରୁ ଆଗାମୀ ବିପର୍ଯ୍ୟୟକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ରହିଛି । ଏଭଳି ସ୍ଥିତିରେ ଜନସାଧାରଣଙ୍କ ନିକଟରେ ପହଂଚି ବେତେଳ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ପୂର୍ବତନ ବିଧାୟକ ଉତ୍କଳ ରଞ୍ଜନ ପଡ଼ାଲ, ପୂର୍ବତନ ସାଂସଦ ଡିନ୍ନି ହିକାକା, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ ଏବଂ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ଅବସରରେ ଶ୍ରୀ ଖୋରା କହିଛନ୍ତି ଯେ ଦଳର ନେତୃବୃନ୍ଦ ତାଙ୍କ ଉପରେ ଯେଉଁ ଭରସା ଓ ବିଶ୍ୱାସ ପ୍ରକଟ କରିଛନ୍ତି, ସେ ତାହାକୁ ସମ୍ମାନ ଦେଇ ନିଷ୍ଠାର ସହ କାର୍ଯ୍ୟ କରିବେ । ଆଗାମୀ ଦିନରେ କୋରାପୁଟ ଜିଲ୍ଲାରେ ଦଳର ସଂଗଠନକୁ ଦୃଢ଼ମୂଳ ସ୍ତରରେ ଆହୁରି ମଜବୁତ କରିବା ସହ ଦଳର ଆଦର୍ଶିମୁଖ୍ୟ, ବାର୍ତ୍ତା ଏବଂ ବିଜିନ୍ନ ଜନହିତକର କାର୍ଯ୍ୟକ୍ରମକୁ ସୋସିଆଲ ମିଡିଆ ମାଧ୍ୟମରେ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା ତାଙ୍କର ପ୍ରାଥମିକତା ରହିବ ।

ବାତ୍ୟା 'ଅକଓ୍ୱାନ' ମୁକାବିଲା ପାଇଁ ତୁମୁଡିବନ୍ଧ ପ୍ରଶାସନ ସଜାଗ ୩ଟି ଆଶ୍ରୟସ୍ଥଳ ପ୍ରସ୍ତୁତ, ୧୯୩ ଜଣଙ୍କୁ ସ୍ଥାନାନ୍ତରିତ



ତୁମୁଡିବନ୍ଧ, ୨୦/୧୧ (ଆ.ପ୍ର) : ଚଳିତ ବର୍ଷ ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ପାଇଁ ଜିଲ୍ଲାପାଳ ଡିନୋଟି ଆଞ୍ଜନେୟ ପ୍ରସାଦ ଦାଶ ଓ ଅତିରିକ୍ତ ଜିଲ୍ଲାପାଳ ଦାମୋଦର ଦାଶ ଏବଂ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ର ଯୌଥ ଭାବେ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ୩ଟି ଆଶ୍ରୟସ୍ଥଳ ପରିଦର୍ଶନ କରି ଅଂଚଳ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରିଯାଳ ସମେତ ବ୍ଲକ ର ସମସ୍ତ ଜଳ ପଦ୍ଧତ କର୍ମଚାରୀ ବିଜିନ୍ନ ସମ୍ବେଦନଶୀଳ ଅଂଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରୁଛନ୍ତି ପ୍ରଶାସନର ସୂଚନା ଅନୁଯାୟୀ, ଟଙ୍ଗପଦର, ଶିକିବାରୁ ଓ ଜାଖା ଗ୍ରାମରୁ ମୋଟ ୧୯୩ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ଉତ୍ତମ ଦିଆଯାଇଛି ଏଥିପାଇଁ ଟଙ୍ଗପଦର, ଶିକିବାରୁ ଓ ଜାଖା ଭଳି ପ୍ରାଥମିକ ବିଦ୍ୟାଳୟକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି । ଏଥିସହ ୯ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଆଗୁଆ ସୁରକ୍ଷିତ ସ୍ଥାନକୁ ନିଆଯାଇଛି ଆଶ୍ରୟସ୍ଥଳ ଗୁଡ଼ିକରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଓ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ସୁବୃ ବନ୍ଦୋବସ୍ତ କରାଯାଇଛି ଯେଉଁଅଞ୍ଚଳଗୁଡ଼ିକ ଜଳପ୍ଲାବିତ ହୋଇପାରେ ସେଠାରେ ମୁକାବିଲା ପାଇଁ ଡିନୋଟି ରକ୍ଷାକାରୀ ଦଳ ନିୟୋଜିତ ରହିଛନ୍ତି ।

୧୧୧ ବୋତଲ ବିଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ



ତାଙ୍ଗୀ ଚୌଦ୍ୱାର, ୨୦/୧୧ (ଆ.ପ୍ର) : ଚୌଦ୍ୱାର ପୋଲିସ ପକ୍ଷରୁ ଜାତିକେଶ୍ୱର ପୂଜା ଓ ରକ୍ଷାକାଳୀ ଦୃଷ୍ଟିରେ ରଖି ନିଶାମୁକ୍ତ ପୂଜା ଓ ରକ୍ଷାକାଳି ପାଇଁ ଜଖିଡି ଅଂଚଳରେ ବଡ଼ାଦାର ବିକ୍ରି କରୁଥିବା ୧୧୦ ବୋତଲ ବିଜିନ୍ନ ବ୍ରାଣ୍ଡର ବିଦେଶୀ ମଦ ସହିତ ନଗଦ ୧୨ଶହ ଟଙ୍କା ଓ ଅଲିଯୁକ୍ତ ଜଖିଡି ଅଂଚଳର ପ୍ରଶାନ୍ତ ଦଳେଇ (୫୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଚୌଦ୍ୱାର ପୋଲିସ ।

ଅକଳ୍ପାନ ପ୍ରଭାବରେ ବ୍ୟାପକ ଧାନ ଫସଲ ନଷ୍ଟ



ନିମାପଡା, ୨୦/୧୧ (ଆ.ପ୍ର) : ଗଣ୍ଡୋବଶାରରେ ସୃଷ୍ଟି ହୋଇଥିବା ତାତ୍ପା ଅକଳ୍ପାନ ପ୍ରଭାବରେ ପୂରା ବିଲ୍ଲାର ବିଜିନ୍ନ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି । ବାତ୍ୟାର ପ୍ରଭାବ ଅଧିକ ନଥିବେ ସୁଦ୍ଧା ପ୍ରବଳ ବର୍ଷା ହେବା ଫଳରେ ଧାନ ଫସଲ ସବୁ ଚାଷ ଜମିରେ ପଡି ଡାଉରେ ପାଣି ଜମା ହୋଇରହିଛି । ଫଳରେ ଗାଁଗାଁରେ ମେଘୁରଡ଼ଖ ଲାଗିପଡିଛି । ଜିଲ୍ଲା ପ୍ରଶାସନ ଧାନ ତାତ୍ପାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବାକୁ ପୂର୍ବତନମନ୍ତ୍ରୀ ସମୀର ଦାଶ, କୃଷକନେତା କୃଷ୍ଣଚନ୍ଦ୍ର ଗାଉଡ଼, ସନାତନ ପାତ୍ର, ସନ୍ତୋଷ ବେହେରା ପ୍ରମୁଖ ଦାବୀ କରିଛନ୍ତି । ନିମାପଡା କୃଷି ବିଭାଗ ଅନୁସାରେ ୧୯ହଜାର ୭ଶହ ହେକ୍ଟର ଧାନ ଫସଲ ହୋଇଥିବା ବେଳେ ପ୍ରାୟ ଅଧାରୁ ଅଧିକ ଚାଷ ଜମିରେ ବର୍ଷାପାଣି ଜମାହୋଇରହିଛି । ଷ୍ଟିଡିଗ୍ରସ୍ତ ଚାଷୀଙ୍କ ଜମିର ସଠିକ ଆକଳନ କରାଯାଇ ତୁରନ୍ତ ଚାଷୀଙ୍କୁ ଏକର ପ୍ରତି ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୃଷକନେତା କୃଷ୍ଣଚନ୍ଦ୍ର ଗାଉଡ ଦାବୀ କରିଛନ୍ତି ।

ଅଶାନ୍ତ ସମୁଦ୍ର, ବନ୍ଦ ମାଛଧରା; ମୁତୟନ ହେଲା ଓଡ୍ରାଫ୍ ଟିମ୍



ଚାନ୍ଦପୁର, ୨୦/୧୧ (ଆ.ପ୍ର) : ସାମୁଦ୍ରିକ ଝଡ଼ 'ଆକ୍ଲାନ୍'କୁ ନେଇ ଅନ୍ତରଙ୍ଗ-କାକଟପୁର ଉପକୂଳରେ ଜୋରଦାର ପବନ ସହିତ ଜୋରଦାର ବର୍ଷା ସାଙ୍ଗକୁ ପବନ, ଅନ୍ୟପଟେ ସମୁଦ୍ରର ଉଗ୍ର ରୂପ । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦେଖି ଜୟଜାତ ଉପକୂଳବାସୀ । ଧନଜୀବନ ସୁରକ୍ଷା ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି । ଜାକଟପୁରରେ ୧୨୫୦ ଜଣ ଓ ଅନ୍ତରଙ୍ଗରେ ୨୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ତାତ୍ପା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଅଶାନ୍ତ ସମୁଦ୍ରକୁ ଦେଖି ଚିନ୍ତାରେ ମତ୍ସ୍ୟଜୀବୀ । ସୁରକ୍ଷା ଦୃଷ୍ଟିରୁ ନିଜ ଡଙ୍ଗା ଓ ଜାଲକୁ ସମୁଦ୍ର କୂଳରୁ ଦୂରରେ ସୁରକ୍ଷିତ ସ୍ଥାନରେ ରଖିଛନ୍ତି । ସମୁଦ୍ର ଭିତରକୁ ଡୋଙ୍ଗା ନେଇ ମାଛ ଧରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଫଳରେ ଦୈନିକ ଲୋକଗହଳ ରହି ହୋଇଥିବାବେଳେ ଜୀବିକାକୁ ନେଇ ଚିନ୍ତାରେ ମତ୍ସ୍ୟଜୀବୀ ପରିବାର । ସେପଟେ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ, ଚିଡ଼ୁଚ ଓ ଖାଦ୍ୟ ପୁଡ଼ିଆ ସହ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛି ପ୍ରଶାସନ । ଉପକୂଳବର୍ତ୍ତୀ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ନିଆଯାଇ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ଏପଟେ ଜଗାଣ ବର୍ଷା ଓ ପବନର ପ୍ରଭାବ ଜାରି ରହିଲେ ଚାଷ ଜମିରେ ବ୍ୟାପକ କ୍ଷୟକ୍ଷତି ହେବା ଆଶଙ୍କା ରହିଛି । ତେବେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ବୁଲ ବୁଲ ପ୍ରଶାସନ । ଜନ ଜୀବନ ସୁରକ୍ଷିତ ରଖିବା ଦିଗରେ ଓଡିଶା ସରକାର । ଅନ୍ତରଙ୍ଗରେ ନିୟୋଜିତ ୨୫ ଜଣିଆ ଓଡ୍ରାଫ୍ ଟିମ୍ ପହଂଚିଛି ।

ବାତ୍ୟା ମୁକାବିଲା ପାଇଁ ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବଙ୍କ ଗଜପତି ଜିଲ୍ଲାର ବାତ୍ୟା ଆଶ୍ରୟସ୍ଥଳୀ ଅନୁଧ୍ୟାନ ସହ ମହିଳା ଉଦ୍ୟୋଗର ସମୀକ୍ଷା



ପାରଳାଖେମୁଣ୍ଡି, ୨୦/୧୧ (ଆ.ପ୍ର) : ଆଜି ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମାଲ ଜିଲ୍ଲାର ବିଜିନ୍ନ ବାତ୍ୟା ଆଶ୍ରୟସ୍ଥଳୀ, ନିଶୁଳ୍କ ଖାଦ୍ୟ ଡଂଟନ ଛେତ୍ର ସମେତ ଗୋଷାଣୀ ଓ କାଞ୍ଚାନଗର ବ୍ଲକର ବିଜିନ୍ନ ଅଂଚଳ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ବିଜିନ୍ନ ଉଦ୍ୟୋଗର କାର୍ଯ୍ୟକଳାପ ଅନୁଧ୍ୟାନ କରିଥିଲେ । ଗସ୍ତ ସମୟରେ କମିଶନର-ତଥା-ଶାସନ ସଚିବ ବେ.ସୀତାପୁର ଗ୍ରାମ ପଂଚାୟତରେ ବିନ୍ଧ୍ୟଗିରିବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସାଳିଗାରା ନାପକିନ୍ ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଥିଲେ । ଏଠାରେ ଗୋଷ୍ଠୀର ମହିଳା ସଦସ୍ୟମାନେ ନିଜେ ସାଳିଗାରା ନାପକିନ୍ ପ୍ରସ୍ତୁତ କରୁଛନ୍ତି । ସେହିପରି ଭୂମି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସୁଭଦ୍ରା ଶକ୍ତି ଷ୍ଟିଚିଂ ୟୁନିଟ୍ ପରିଦର୍ଶନ କରି ସେଠାରେ ପ୍ରସ୍ତୁତ ହେଉଥିବା ବିଜିନ୍ନ ପ୍ରକାରର ଟି-ସାର୍ଟ ଓ ପୋଷାକ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହିତ ମହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କାଜୁ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ବାରାହୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଦୋକାନ ଗସ୍ତ କରି ଏଠାରେ ଉପଲବ୍ଧ ସୁବିଧାର ସଦୁପଯୋଗ କରି ନିଜର ଦ୍ୟବସାୟକୁ ଆହୁରି ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ । ଏହା ସହିତ ସେ ସମୁଦାୟ ସହାୟିକା ମାନଙ



ଆରମ୍ଭ

SEITHO ARAMBHA



ଶନିବାର, ୨୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଡିଜିଟାଲ୍ ଯୁଗରେ କିଶୋରୀ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସାଇବର ଅପରାଧରୁ ରକ୍ଷା ପାଇବା ନେଇ ଅତିଥିମାନଙ୍କ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ

ଯାଜପୁର, ୨୦/୧୧ (ଆ.ପ୍ର) : ଯାଜପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସ୍ତରୀୟ କିଶୋରୀ ବାଳିକାଙ୍କ ନିମନ୍ତେ ବିଶେଷ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କନ୍ୟା ନିରାପତା, ଶିକ୍ଷା, ସାଇବର ସୁରକ୍ଷା ଏବଂ 'ବେଟି ବଚାଓ, ବେଟି ପଢାଓ' ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ଶାଶ୍ୱତିତା ସେଠୀଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ବହୁଥିବା ସାଇବର ଅପରାଧରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ମୁଖ୍ୟତଃ ମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହା ସହିତ କିଶୋରୀ ବାଳିକାମାନଙ୍କର ସାମାଜିକ ସୁରକ୍ଷା, ଶିକ୍ଷାର ଅଗ୍ରଗତି



ଏବଂ ସେମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ଅତିଥିମାନେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ବୁହାନ୍ଦ ରେହେଣା , ମୁଖ୍ୟ ଚିକିତ୍ସାଧିକାରୀ ଲଳିତେନ୍ଦୁ କେଶରୀ ଦାସ, ଆଜାରିକ ସୁରକ୍ଷା ଅଧିକାରୀ ଖୁରୀତ କୁମାର ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ତରୁଣ ପତି, ପ୍ରଧାନ ଶିକ୍ଷକ ବେଦାର କୁମାର ନାଏକ, ପୋଲିସ ଏଏସଆଇ ଧରଣୀ କୁମାର ଲିମା ଏବଂ ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡେଇ ପ୍ରମୁଖ ସମ୍ଭଳିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଏସ.କେ.ଜିୟାଉଦ୍ଦିନ ହୁସେନ ବିପୁଯ ସାହୁ ଏବଂ ସ୍ନେହାସେବୀ ଅନୁଷ୍ଠାନର ସଂଯୋଜକମାନେ ଉପସ୍ଥିତ ରହି ନିଜର ମୂଲ୍ୟବାନ ମତାମତ ରଖିଥିଲେ ।

ପିଇବା ପାଣି କୂଅରେ କୁକୁରର ମୃତଦେହ : ଗ୍ରାମରେ ତୀବ୍ର ଉତ୍ତେଜନା

ବାଲିଗୁଡ଼ା, ୨୦/୧୧ (ଆ.ପ୍ର) : ଜଳ ହିଁ ଜୀବନ। ଯେଉଁ ଜଳର ଉତ୍ସ ଉପରେ ଗୋଟିଏ ଗ୍ରାମର ଶତାଧିକ ଲୋକଙ୍କ ଜୀବନ ନିର୍ଭରଶୀଳ, ସେହି ପାନୀୟ ଜଳର ଉତ୍ସକୁ ଦୂଷିତ କରିଦେବା ଭଳି ଅକାଳନୀୟ ଘଟଣା ସମଗ୍ର ଅଂଚଳରେ ଆତ୍ତୋତ୍ପନ ସୃଷ୍ଟି କରିଛି। ତାଡ଼ୀ 'ଅକ୍ଟାଟ୍'କୁ ନେଇ ଲୋକେ ଆତଙ୍କିତ ଥିବାବେଳେ ଏବେ ପିଇବା ପାଣିର ସଙ୍କଟ ମାଣ୍ଡୁଗଡ଼ି ଗ୍ରାମାଞ୍ଚଳକୁ ଚିନ୍ତାକ୍ରାନ୍ତ କରିଛି। ଏରକି ଘଟଣା ଲକ୍ଷ୍ମଣାର ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଦାଡିଙ୍ଗବାଡ଼ି ବ୍ଲକ ବନେଜବାଡ଼ି ପଂଚାୟତ ଅନ୍ତର୍ଗତ ମାଣ୍ଡୁଗଡ଼ିଗ୍ରାମରେ ଘଟିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେହି ଦୁର୍ବୃତ ଗ୍ରାମର ଏକମାତ୍ର ପାନୀୟ ଜଳ କୂଅରେ କୁକୁରର ମୃତଦେହ ଫିଙ୍ଗି ଦେଇଛି। ଫଳରେ କୂଅର ପାଣି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବା ବେଳେ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସୂତ୍ରେ ଜାନୁଯାୟୀ, ମାଣ୍ଡୁଗଡ଼ି ଗ୍ରାମରେ ମୋଟ ଗୋଟିଏ କୂଅ ରହିଛି। ଏହି କୂଅ ଉପରେ ପ୍ରାୟ ୫୦ଟି ପରିବାରର ୧୫୦ରୁ ଅଧିକ ଲୋକ ନିର୍ଭର ରହନ୍ତି। ପିଇବା ପାଣି, ଗୋଧେରୁ ଓ ଦିନନିତିନ ଘରୋଇ କାର୍ଯ୍ୟ ସହିତ ଚାଷ କାମ ପାଇଁ ମଧ୍ୟ ଏହି କୂଅର ଜଳ ବ୍ୟବହାର ହୋଇଥାଏ। ଏଭଳି ସ୍ଥିତିରେ କୂଅରେ କୁକୁରର



ମୃତଦେହ ମିଳିବା ଗ୍ରାମାଞ୍ଚଳରେ ବଡ଼ ସଂକଟ ସୃଷ୍ଟି କରିଛି। ଶୁଦ୍ଧଜଳର ଏକାକେ ଗ୍ରାମର କେତେକ ମହିଳା ପ୍ରତିଦିନ ଭଳି ପାଣି ଆଣିବାକୁ କୂଅ ନିକଟକୁ ଯାଇଥିବା ବେଳେ ପାଣି ଭିତରେ କୁକୁରର ମୃତଦେହ ଭାସୁଥିବା ଦେଖୁଥିଲେ। ଏହା ଦେଖି ସେମାନେ ଭୟଭୀତ ହେବା ସହ ତୁରନ୍ତ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପ୍ରକାଶିତ ହେଲା ପରେ ଗ୍ରାମର ଲୋକେ କୂଅ ନିକଟରେ ଏକାଠି ହୋଇଥିଲେ। କିଏ ଏଭଳି କାଣ୍ଡ ଘଟାଇଲା, ଏହା ପଛରେ କାହାର ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ଗ୍ରାମରେ ଆକ୍ରୋଶ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ, ଏକମାତ୍ର ଜଳଉତ୍ସ ଦୂଷିତ ହୋଇଯିବା ପରେ ଏବେ ପ୍ରାୟ ୧୫୦ ଜଣ ଲୋକ କେଉଁଠୁ ପିଇବା ପାଣି ସଂଗ୍ରହ କରିବେ, ତାହା ବଡ଼ ପ୍ରଶ୍ନ ହୋଇଛି। ବିଶେଷକରି ମହିଳା ଓ ଛୋଟ ପିଲାଙ୍କ ପାଇଁ ଏହି ସମସ୍ୟା ଅଧିକ ଚିନ୍ତାଜନକ ହୋଇପଡ଼ିଛି। ଦୂଷିତ ପାଣି ବ୍ୟବହାର କଲେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ଥିବାରୁ କୂଅର ପାଣି ବ୍ୟବହାର ନକରିବାକୁ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଜଏନରେ ଗ୍ରାମର ପ୍ରତାପ ଚନ୍ଦ୍ରିୟାର ସିଂ ଓ ବାସୁ ବନ୍ଦିୟାର ସିଂ ପ୍ରମୁଖ ଗ୍ରାମର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଘଟଣାର ସମ୍ଭାଧାନ ଓ ତୁରନ୍ତ ପ୍ରଶାସନିକ ସାହାଯ୍ୟ ପାଇଁ ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ଦାଡିଙ୍ଗବାଡ଼ି ଯାଇ ବିଡିଓ ପ୍ରତିରକ୍ଷଳ ଏଥିକୁ ଗେଡି ଜଣାଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଡିଜୀପି ପ୍ରଦୁମ୍ନ ଘଡିଦିଆଲ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଡିଜୀପି ପ୍ରଦୁମ୍ନ ଘଡିଦିଆଲ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଗ୍ରାମର ପାନୀୟ ଜଳ ଉତ୍ସକୁ ପରିଷ୍କାର କରିବା ଓ ବିକଳ୍ପ ଜଳ ଉତ୍ସର ବ୍ୟବସ୍ଥା କରିବା ଦାବି କରାଯାଇଛି। ଏହି ଦାବିପତ୍ରରେ ଏକାଠି ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଉପଯୁକ୍ତ ଆଇନଗତ ପଦକ୍ଷେପ ନିଆଯାଉ। ସରକାର ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଆଜି ମଧ୍ୟ ଗେଣ୍ଡି କୂଅ ଉପରେ ୫୦ ପରିବାର ନିର୍ଭର କରିବା ଗ୍ରାମାଂଚଳର ଜଳ ଯୋଗଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଏତେ ବଡ଼ ଘଟଣା ଆଶଙ୍କା ମଧ୍ୟରେ ଏହି ସମସ୍ୟାର ତୁରନ୍ତ ସମାଧାନ କରି ମାଣ୍ଡୁଗଡ଼ିବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଦାଡିଙ୍ଗବାଡ଼ି ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଇଁଛି ।

ପଂଚାୟତ ନିର୍ବାଚନକୁ ନେଇ ନେତାଙ୍କ ମଧ୍ୟରେ ପାଖ୍ୱାର ସୋ

ବାଲିଗୁଡା, ୨୦/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ କୁ ଏବେ ଠାରୁ ଆରମ୍ଭ ହୋଇଗଲାଣି ରାଜନୈତିକ ଉଷ୍ଣତା । ବିଭିନ୍ନ ରାଜନୈତିକ ଦଳ ନିଜ ନିଜ କର୍ମୀ ଓ ନେତାଙ୍କୁ ନେଇ ଶକ୍ତିପ୍ରଦର୍ଶନ ଆରମ୍ଭ କରିଦେଇଛି । ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓ ବିଜେପିରେ ବ୍ଲକ ଓ ମଣ୍ଡଳସ୍ତରର ମନୋନିତ ସଭାପତି ମାନଙ୍କୁ ନେଇ ସହଜରେ ଗ୍ରୁପ୍ ବାଜି ଲାଗିଛି । ଦଳ ଦୁଇଟି ଦଳର ବାଲିଗୁଡା ବିଧାୟକ ତଥା ବିଜେପି ନେତା ସୁନାମ କେଶରୀ ଦେବ ଓ ମଣ୍ଡଳସ୍ତରର ନେତା ଜୟନ୍ତ କୁମାର ଦାସ ଓ ପ୍ରତିଦ୍ୱନ୍ଦ୍ୱୀ ମାନ ଏକ ଅପରକୁ ଟାର୍ଗେଟ କରିବାରେ ଲାଗିଛନ୍ତି । ଏହି ପରିପ୍ରେକ୍ଷୀରେ ଦୁଇ ଦଳର ନେତାମାନେ ଦଳୀୟ କାର୍ଯ୍ୟାଳୟରେ ଏକାଠି ହୋଇ ଆଲୋଚନା କରିଛନ୍ତି । ଏଥିରେ ଦୁଇ ଦଳର ନେତାମାନେ ଯୋଗଦେଇ ଥିବା ବେଳେ ଦଳର ଅନ୍ୟ ନେତାମାନେ ଅନୁପସ୍ଥିତ ରହିଥିଲେ । ଏହି ଆଲୋଚନା ସଭାରେ ଦୁଇ ଦଳର ନେତାମାନେ ଏକ ଅପରକୁ ଟାର୍ଗେଟ କରି ଆକ୍ରମଣ ଚଳାଇଥିଲେ । ଏଥି



ଆରମ୍ଭ

SEITHO ARAMBHA

ଶନିବାର, ୨୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



୪ଟି ପିକ୍‌ଅପ୍ ଗାଡ଼ିରୁ ୩୬ ଗୋରୁ ଉଦ୍ଧାର, ୬ ଅଭିଯୁକ୍ତ ଗିରଫ



ଦଣ୍ଡପଲ୍ଲୀ, ୨୦/୧୧ (ଆ.ପ୍ର) : ନୟାଗଡ଼ ଜିଲ୍ଲା ବାଣାଗୋଛା ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା । ବେଆଇନ ଗୋରୁ ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ାଉ କରି ୪ଟି ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ଗାଡ଼ି ସହ ୩୬ଟି ଗୋରୁ ଉଦ୍ଧାର କରିଛି । ଏହି ଘଟଣାରେ ୬ ଜଣ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ଗୁପ୍ତଚର ଲୋକ ମାଧ୍ୟମରେ ଜିଲ୍ଲାର ୪ଟା ସ୍ଥାନରେ ବାଣାଗୋଛା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ କୁମାର ଦେବୁରୀ ପୁଲିସ କର୍ମଚାରୀଙ୍କ ସହ ରାତ୍ରିକାଳୀନ ପାଟ୍ରୋଲିଂ ଓ ଯାନବାହନ ଯାଂଚ କରୁଥିଲେ । ଏହି ସମୟରେ ଚକାପାଦ-ଦଣ୍ଡପଲ୍ଲୀ ରାସ୍ତାର ବଇକ ବ୍ରାଜା ନିକଟରେ ୪ଟି ବୋଲେରୋ ପିକ୍‌ଅପ୍ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା । ପୁଲିସ ତୁରନ୍ତ ଗାଡ଼ିଗୁଡ଼ିକୁ ଅଟକାଇ ଯାଂଚ କରିବା ସହ ୩୬ଟି ଗୋରୁ ଉଦ୍ଧାର କରିଥିଲା । ଏହି ଘଟଣାରେ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଓ ଅନ୍ୟାତଡା ଥାନା ଅଞ୍ଚଳର ୫ ଜଣ ଏବଂ ନୟାଗଡ଼ ଜିଲ୍ଲା ଦଣ୍ଡପଲ୍ଲୀ ଥାନା ଅଞ୍ଚଳର ୫ ଜଣ ଏବଂ ନୟାଗଡ଼ ଜିଲ୍ଲା ବାଣାଗୋଛା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ କୁମାର ଦେବୁରୀ ପୁଲିସ କର୍ମଚାରୀଙ୍କ ସହ ରାତ୍ରିକାଳୀନ ପାଟ୍ରୋଲିଂ ଓ ଯାନବାହନ ଯାଂଚ କରୁଥିଲେ । ଏହି ସମୟରେ ଚକାପାଦ-ଦଣ୍ଡପଲ୍ଲୀ ରାସ୍ତାର ବଇକ ବ୍ରାଜା ନିକଟରେ ୪ଟି ବୋଲେରୋ ପିକ୍‌ଅପ୍ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା । ପୁଲିସ ତୁରନ୍ତ ଗାଡ଼ିଗୁଡ଼ିକୁ ଅଟକାଇ ଯାଂଚ କରିବା ସହ ୩୬ଟି ଗୋରୁ ଉଦ୍ଧାର କରିଛି । ଏହି ଘଟଣାରେ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଓ ଅନ୍ୟାତଡା ଥାନା ଅଞ୍ଚଳର ୫ ଜଣ ଏବଂ ନୟାଗଡ଼ ଜିଲ୍ଲା ଦଣ୍ଡପଲ୍ଲୀ ଥାନା ଅଞ୍ଚଳର ଜଣେ ଅଭିଯୁକ୍ତଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡ଼ା ଜିଲ୍ଲା ଗୁମୁଡ଼ି ଗ୍ରାମର ଖଗେଶ୍ୱର ଡାଗ (୩୯), ଗେଦେଲୀପଦର ଜସିଲାଲ ହିମାଲ (୨୩), ଅଝୁଳ ଗ୍ରାମର ନିଳାମ୍ବର ପାତ୍ର (୨୫), ଖରିଗୁମ୍ପା ଗ୍ରାମର ମଟି ଜାବିକା (୨୦), ଅମ୍ବାଦଳା ଥାନା ଅନ୍ତର୍ଗତ ଗୁରୁଗାଁ ଗ୍ରାମର ରବି ଡାଙ୍ଗରା (୨୦) ଏବଂ ଦଣ୍ଡପଲ୍ଲୀ ଥାନା ଅନ୍ତର୍ଗତ ପୋଖାଗୋଛା ଅଂଚଳର ନିରଞ୍ଜନ ନାଏକ (୨୮) । ଏ ନେଇ ବାଣାଗୋଛା ଥାନାରେ କେସ୍ ନମ୍ବର ୧୫୩/୨୦୨୬ ରୁଜୁ କରାଯାଇଛି । ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିବା ସହ ଗିରଫ ୬ ଅଭିଯୁକ୍ତଙ୍କୁ ଆଜିର ଅଦାଲତ ଚାଲାଣ କରିଛି । ଅନ୍ୟପକ୍ଷରେ ଜବତ୍ ୩୬ ଗାଈ ମଧ୍ୟରୁ ୨ ଗାଈ ମୃତ ଜାବିକା ହେଉଥିବା ବେଳେ ଅନ୍ୟ ଉଦ୍ଧାର ହୋଇଥିବା ଗାଈଗୁଡ଼ିକୁ ଗୋଖପଡ଼ା ଥାନା ଜେରୁପଲ୍ଲୀର ଯୁବ ବିକାଶ ପରିଷଦର ଗୋଶାଳାରେ ଛଡ଼ା ଯାଇଛି ।

ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟସ୍ଥଳୀରେ ୩୦୦ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଖାଇବାକୁ ଦେଲେ



ଜୟଦେବପୁର, ୨୦/୧୧ (ଆ.ପ୍ର) : ଦର୍ଷକ ବନ୍ଧୁ, ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ତତ୍ପରତା । ବାତ୍ୟା ଅଞ୍ଚଳିକୁ ଦୃଷ୍ଟିରେ ରଖି ତଳିଆ ଅଂଚଳର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଜୟଦେବପୁର ବ୍ଲକ ଅଡୁଆଁ ଗ୍ରାମ ପଂଚାୟତର ଲାଙ୍ଗିପଦା ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାୟ ୩୦୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଜୟଦେବ ପୁର ବିଡିଓଶ୍ରୀମତି ତନୁଜା ଦଳବେହେରା ନିର୍ଦ୍ଦେଶରେ ଚାଲିଛି ଏହି ସେବା କାର୍ଯ୍ୟ । ସମ୍ଭାବ୍ୟ ବାତ୍ୟାକୁ ନେଇ ସତ୍ପତି ଭୟ ଓ ଆଶଙ୍କା । ବିଶେଷକରି ତଳିଆ ଅଂଚଳରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ଦିଆଯାଇଛି ପ୍ରାଥମିକତା । ଜୟଦେବପୁର ବିଡିଓଙ୍କ ନିର୍ଦ୍ଦେଶ ଅନୁସାରେ ଅଡୁଆଁ ଗ୍ରାମ ପଂଚାୟତର ଲାଙ୍ଗିପଦା ବାତ୍ୟା ଆଶ୍ରୟସ୍ଥଳୀରେ ଆରମ୍ଭ ହୋଇଛି ଜିରାଂ ଓ ସେବା କାର୍ଯ୍ୟ । ତଳିଆ ଅଂଚଳରେ ରହୁଥିବା ମାଟି ଘରର ପରିବାରଗୁଡ଼ିକୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ଅଣାଯାଇଛି । ସେଠାରେ ରହୁଥିବା ପ୍ରାୟ ୩୦୦ ଜଣଙ୍କ ପାଇଁ ରାତିରେ ରନ୍ଧା ଖାଦ୍ୟ ଏବଂ ସକାଳେ ଶୁଖିଲା ଖାଦ୍ୟ ପଚାଶି ପ୍ରଦାନ କରାଯାଇଛି । ବିପଦ ସମୟରେ ଲୋକଙ୍କୁ ଖାଦ୍ୟ ଓ ଆଶ୍ରୟ ଯୋଗାଇ ଦେବା ସହ ସେମାନଙ୍କ ମନରେ ସାହସ ଭରିବାକୁ ଉଦ୍ୟମ କରାଯାଇଛି ।ଏହି ସେବା କାର୍ଯ୍ୟରେ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଅର୍ଜୁନ ମଳିକ, ସରପଂଚ ପ୍ରତିନିଧି ଗୋରାଙ୍ଗ ମଳିକ, ପଦ୍ମଲୋଚନ ମଳିକ, ବିଜୟ ମଳିକ, ସଂଘମ ମଳିକଙ୍କ ସମେତ ଆଶ୍ରୟସ୍ଥଳୀର ମହିଳା ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁରକ୍ଷା ଓ ସେବାକୁ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି ।

୧୭ବର୍ଷ ପରେ ଦୋଷୀ ସାବ୍ୟସ୍ତ ହେଲେ ୭୦ବର୍ଷୀୟ ଅଭିଯୁକ୍ତ
ଦୁଇ ବର୍ଷ ସଜା ଭୋଗିବେ ଓ ୧୦୦୦ଟଙ୍କା ଜୋରିମାନା ଭରିବେ

ପାରଜାଖେମୁଣ୍ଡି, ୨୦/୧୧ (ଆ.ପ୍ର) : ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ବିଷପ ଡବରେ ଯୋଗ ଦ ଦେବାକୁ ନେଇ ରାତିରେ ଶୋଇଥିବା ସମୟରେ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିବା ଉଭି ୧୭ବର୍ଷ ପୂରୁଣା ଏକ ସଙ୍ଗିନ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ମୋହନାର ଜେଏମ୍‌ଏଫସି ବିକାଶ କିରଣ ମିଶ୍ର ଭାରତୀୟ ପିଙ୍କଡ କୋଡ଼ର ଧାରା ୩୨୫ (ସ୍ୱେଚ୍ଛାକୃତ ଭାବରେ ଗୁରୁତର ଆଘାତ କରିବା) ଓ ଧାରା ୫୦୬ (ଧମକ ଦେବା) ଅପରାଧରେ ମୋହନା ଥାନା ଅନ୍ତର୍ଗତ ସୁକୁଳା ଗ୍ରାମ ନୂଆ ସାହିର ଅଶୋକ ନାୟକ (୭୦ବର୍ଷ)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ସୁଶାନ୍ତ କୁମାର ମଲ୍ଲିକ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଲାଗପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ମୋହନା ଥାନା ଅନ୍ତର୍ଗତ ସୁକୁଳା ଗ୍ରାମ ନୂଆ ସାହିର ଏତରାକାରି ମାନୁଏଲ ମାଝୀ ତା ୦୧-୦୬-୨୦୦୯ରିଖ ଦିନ ରାତ୍ରି ୧୧.୩୦ମିନିଟ ସମୟରେ ନିଜର ଘର ପିଣ୍ଡାରେ ପରିବାରବର୍ଗଙ୍କ ସହ ଶୋଇଥିବା ସମୟରେ ଅତର୍କିତ ଭାବେ ତାଙ୍କ ଘରକୁ ଆକ୍ରମଣ ଦେବାରୁ ଉଷରେ ଉଠି ପଡ଼ି ଦେଖିବାରୁ ଅଭିଯୁକ୍ତ ଅଶୋକ ନାୟକ ଏକ ତାଙ୍ଗିଆରେ ତାଙ୍କୁ ଜାଘାଘା ସହ ଅତ୍ୟନ୍ତ ଖରାପ ଗାଳିଗୁଲଜ କରି ଜୀବନରେ ମାରିଦାକୁ ଧମକ ଦେବା ଆରମ୍ଭ କରିଦେଇଥିଲା । ପୁନର୍ବାର ଅଶୋକ ନାୟକ ମାରିବା ପାଇଁ ଚେଷ୍ଟା କରିବା ସମୟରେ ସାହାଯ୍ୟ ପାଇଁ ଏତରାକାରି ଚିତ୍କାର କରିବାରୁ ସାଇ ପଡ଼ିଶା ଲୋକ ସେଠି ପହଂଚି ତାଙ୍କୁ ବଂଚାଇଥିଲେ କିନ୍ତୁ ଅଶୋକ ନାୟକ ତାଙ୍କୁ ମାରିଦେବାକୁ ଧମକ ଦେଇ ସେଠାରୁ ପଳାଇଥିଲେ । ଉକ୍ତ ଆହତାଙ୍କୁ ଏତରାକାରିଙ୍କର ଭାଇ ଭାଇଁବା ସହ ୩୦ ପାଟିଯାଇଥିଲା । ସୂଚନାଯୋଗ୍ୟ, ଘଟଣା ଦିନ ଅପରାହ୍ନରେ ଏହି ଆସାମୀ ଏତରାକାରିଙ୍କ ଶଶୁର ଘର ନିକଟକୁ ଆସି ବିଷପ ପାର୍ଟିରେ ଯୋଗ ଦେବାକୁ ତାଙ୍କୁ ଲୋଭ ଜବରଦସ୍ତି କରେଇବା ସହ ଯୋଗ ନ ଦେଲେ ପରିଣାମ ଭୋଗିବା ନେଇ ସଙ୍କେତ ଦେଇ ଚାଲିଯାଇଥିଲେ ଓ ରାତିରେ ଏତରାକାରି ମାନୁଏଲ ମାଝୀ ତା ୦୧-୦୬-୨୦୦୯ରିଖ ଦିନ ରାତ୍ରି ୧୧.୩୦ମିନିଟ ସମୟରେ ନିଜର ଘର ପିଣ୍ଡାରେ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯାହା ଆଧାରରେ ତା ୦୨.୦୬.୨୦୦୯ ରିଖରେ ୩୪୪ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା । ଏହି ଘଟଣାର ତଦନ୍ତ ଏଏସ୍‌ଆଇ ପିକେ ବିଶ୍ୱାଳଙ୍କ ଦ୍ୱାରା କରାଯାଇଥିଲା । ଶେଷରେ ଜଣ ସାକ୍ଷୀଙ୍କ ବଇଁଷ ବୟାନ ତଥା ୩ଟି ଦସ୍ତାବିଜକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍କଡ କୋଡ଼ର ଧାରା ୩୨୫ (ସ୍ୱେଚ୍ଛାକୃତ ଭାବରେ ଗୁରୁତର ଆଘାତ କରିବା) ଓ ଧାରା ୫୦୬ (ଧମକ ଦେବା) ଅପରାଧରେ ଅଶୋକ ନାୟକ (୭୦ବର୍ଷ)କୁ ଦୋଷୀ ସାବ୍ୟସ୍ତ କରି ଧାରା ୩୨୫ରେ ୨ବର୍ଷ କାରାଦଣ୍ଡ ସହ ଏକ ହଜାର ଟଙ୍କାର ଜୋରିମାନା ତଥା ଧାରା ୫୦୬ରେ ଛଅ ମାସର ସଜା ଶୁଣାଇଛନ୍ତି । ଉକ୍ତ ସଜା ଦ୍ୱୟ ଏକତ୍ର ଚାଲିବ ବୋଲି ଉକ୍ତ ରାୟରେ ଉଲ୍ଲେଖ କରାଯାଇଛି । ୧୭ବର୍ଷ ପରେ ଆସିଥିବା ଏଭଳି ରାୟକୁ ନେଇ ଏବେ ଚାଲିଆଡ଼େ ଚର୍ଚ୍ଚା ଜୋର ଧରିଛି ତଥା ସମସ୍ତଙ୍କ ମୁଖରୁ ଶୁଣିବାକୁ ମିଳୁଛି ବିଳମ୍ବରେ ମଧ୍ୟ ପିଡ଼ିତଙ୍କୁ ନ୍ୟାୟ ମିଳିଛି ।

'ଅକଖାନ'ର ମୁକାବିଲା ପାଇଁ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା : ମନ୍ତ୍ରୀ ହରିଚନ୍ଦନ



ବିଜିକା/ବାଣପୁର, ୨୦/୧୧(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ବିଜିକା ନିର୍ବାଚନ ମଣ୍ଡଳୀର ମାନସିଂହପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ଆଶ୍ରୟ ନେଇଥିବା ଅଂଚଳବାସୀ, ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନଙ୍କୁ ନିଜ ହାତରେ ରନ୍ଧା ଖାଦ୍ୟ ପରିବେଷଣ କରି ସେମାନଙ୍କ ସହ କିଛି ସମୟ ବିତାଇଥିଲେ ମାନ୍ୟବର ବିଧାୟକ ତଥା ଆଇନ ପୂର୍ତ୍ତ ଅଡକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବାତ୍ୟା 'ଅକଖାନ'ର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ରହୁଥିବା ସାମଗ୍ରୀକର ନିମନ୍ତେ ପୁଷ୍ଟିକର ଓ ଗରମ ଖାଦ୍ୟ ସହ ଆବଶ୍ୟକୀୟ ସୁବିଧା ଯୁକ୍ତିଯୁକ୍ତ କରାଯାଇଛି ଏବଂ ସେମାନଙ୍କ ମୁହଁରେ ହସ ଓ ମନରେ ଭରସା ଦେଖିବା ଅତ୍ୟନ୍ତ ଆତ୍ମସନ୍ତୋଷର ବିଷୟ । ଏହି କଠିନ ସମୟରେ ପ୍ରତ୍ୟେକଙ୍କ ସୁରକ୍ଷା ଓ ସେବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଥିଲେ ମାନ୍ୟବର ମନ୍ତ୍ରୀ । ସେହିଭଳି ସୋରଣସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସ୍ଥାନୀୟ ଅଂଚଳର ପ୍ରିତି ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିର ସମୀକ୍ଷା କରିବା ସହ ଆଶ୍ରୟସ୍ଥଳୀ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଉହାଣି ବ୍ୟବସ୍ଥାର ତଦାରଖ କରିବା ସହ ଜନସାଧାରଣଙ୍କୁ ଆବଶ୍ୟକ ସମସ୍ତ ସହାୟତା ତୁରନ୍ତ ଯୋଗାଇଦେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସରକାରଙ୍କର ଲକ୍ଷ୍ୟ ଗୋଟିଏ- 'ଶୂନ୍ୟ ଜୀବନହାନି' । ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏବଂ ପ୍ରତ୍ୟେକ ପରିବାରର ସୁରକ୍ଷା ଆମର ସର୍ବୋଚ୍ଚ ଦାୟିତ୍ୱ । ଏହି ଅବସରରେ ବିଜିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ବିଜିନ୍ନ ବିଭାଗର ଅଧିକାରୀ ଓ ବଜାୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ବିଶିଷ୍ଟ ବାଦ୍ୟ କଳାକାର ବେଣୁଧରଙ୍କ ପରଲୋକ



ଖଣ୍ଡପଡ଼ା, ୨୦/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ୧୧ ନଂ ୱାର୍ଡ ଗଡ଼ ଭିତରସାହିର ସୁନାମଧନ୍ୟ କଳାକାର ବେଣୁଧର ଦାସ(୬୮) ଙ୍କର ଗୁରୁବାର ରାତିରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଦାସ ଦିର୍ଘ ମାସ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ରହି ସୁସ୍ଥ ଥିଲେ । କଳାର ପୂଜାରୀ ଭାବେ ସେ ସାଧାରଣରେ ଓ ବିଜିନ୍ନ ମହଲରେ ଦେଖା ଜଣାଶୁଣା ଥିଲେ । ବାଦ୍ୟଯନ୍ତ୍ର, ସଙ୍ଗୀତ, ନାଟ୍ୟକଳା ଓ ଗୀତ ଶିକ୍ଷାଦାନ କ୍ଷେତ୍ରରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ଅବର୍ତ୍ତମାନରେ ଖଣ୍ଡପଡ଼ା ମାଟି ଜଣେ କଳାନୁରାଗୀ ଓ ସଙ୍ଗୀତ ସାଧକଙ୍କୁ ହରାଇଲା ବୋଲି ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ କଳାକାର ମହଲରେ ଗଭିର ଶୋକ ପ୍ରକାଶ ପାଇଛି ।

ଲଗାଣ ବର୍ଷାରେ ଜନଜୀବନ ବ୍ୟାହତ

ଖଣ୍ଡପଡ଼ା, ୨୦/୧୧ (ଆ.ପ୍ର) : ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ସାମ୍ପ୍ରତିକ ବାତ୍ୟା 'ଅକଖାନ୍' ପ୍ରଭାବରେ ଗତ ୨ ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ ଜୀବନ ଯାତ୍ରା ବ୍ୟାହତ ହୋଇଛି । ତଳିଆ ଅଂଚଳରେ ଜାସ ଜଇଥିବା ଜନସାଧାରଣଙ୍କ ବାସଗୃହରେ ବର୍ଷା ପାଣି ପ୍ରବେଶ କରିଥିବାରୁ ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଜଣାପଡିଛି । ହେବୁର ହେବୁର ଚାଷଜମିରେ ପାଚିଲା ଧାନ ଏବଂ ଶାଢ଼ ଦିନିଆ ପରିପରିବା ବାଗ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ବିଜିନ୍ନ ସ୍ଥାନରେ ଅବସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ରନ୍ଧା ଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ବର୍ଷା ପ୍ରଭାବରେ ରାତିରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାରୁ ବରିଷ୍ଠ ନାଗରିକ, ବୃଦ୍ଧ, ବୃଦ୍ଧା ଓ ଚଡିଆଳୀ ମାନେ ଅସହ୍ୟ ଥଣ୍ଡା ସହି ନପାରି ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି ।

ବାଘଲଟି ଜଳଭଣ୍ଡାର ଅପରପାର୍ଶ୍ୱରୁ ବୃଦ୍ଧ ଦମ୍ପତିଙ୍କ ସହ ନାତି ଉଦ୍ଧାର
ଡଙ୍ଗାରେ ଜଳଭଣ୍ଡାର ପାର୍ କରାଇ ଆଶ୍ରୟସ୍ଥଳୀରେ ରନ୍ଧିଲା ପ୍ରଶାସନ ଓ ଓଡ୍ରାଫ୍ ଟିମ୍



ପାଟପୁର, ୨୦/୧୧ (ଆ.ପ୍ର) : ବାତ୍ୟା ଆଙ୍କୁ ମଧ୍ୟରେ ବାଘଲଟି ଜଳଭଣ୍ଡାରର ଅପରପାର୍ଶ୍ୱରେ ରହୁଥିବା ଜଣେ ବୃଦ୍ଧ ଦମ୍ପତିଙ୍କ ସମେତ ୧୧ ବର୍ଷୀୟ ନାତିଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ପ୍ରଶାସନ । ଓଡ୍ରାଫ୍ ଟିମ୍‌ର ସହଯୋଗରେ ଡଙ୍ଗା ଯୋଗେ ଜଳଭଣ୍ଡାର ପାର୍ କରାଇ ତିନିଜଣଙ୍କୁ ମଣ୍ଡାଣିବାଡ଼ ଆଶ୍ରୟସ୍ଥଳୀରେ ସୁରକ୍ଷିତ ରନ୍ଧାଯାଇଛି । ସୂଚନା ଅନୁଯାୟୀ, ଏକଗଲ ଗ୍ରାମର ସହଦେବ କାଜୀ (୭୩), ତାଙ୍କ ପତ୍ନୀ ଗୁରୁବାଳୀ କାଜୀ (୬୭) ଓ ୧୧ ବର୍ଷୀୟ ନାତି ଅଜିତ କାଜୀ ବାଘଲଟି ଜଳଭଣ୍ଡାରର ଅପରପାର୍ଶ୍ୱ ବଗଡ଼ ଅଂଚଳରେ ମକା ଚାଷ କରିବା ସହ ଏକ କୁଡ଼ିଆରେ ରହୁଥିଲେ । ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୂର୍ବରୁ ଆଶ୍ରୟସ୍ଥଳୀକୁ ଯିବାକୁ ପରାମର୍ଶ ଦିଆଯାଇଥିଲା । ମାତ୍ର ଚାଷ ଓ ନିଜ କୁଡ଼ିଆ ଛାଡ଼ି ଯିବାକୁ ସେମାନେ ଅମଙ୍ଗ ହୋଇଥିଲେ । ପରିସ୍ଥିତିର ଗୁରୁତ୍ୱାରତାକୁ ହୃଦୟଙ୍ଗମ କରି ପିଉଷ ପ୍ରଧାନ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ମଞ୍ଜୁଲା କାଜୀ ଓ ଓଡ୍ରାଫ୍ ଟିମ୍ ସେଠାରେ ପହଂଚି ବୃଦ୍ଧ ଦମ୍ପତିଙ୍କୁ ବୁଝାଶୁଝା କରିଥିଲେ । ଶେଷରେ ସେମାନେ ଆଶ୍ରୟସ୍ଥଳୀକୁ ଯିବାକୁ ରାଜି ହୋଇଥିଲେ । ଏହାପରେ ଓଡ୍ରାଫ୍ ଟିମ୍‌ର ସଦସ୍ୟମାନେ ଡଙ୍ଗା ଯୋଗେ ତିନିଜଣଙ୍କୁ ଜଳଭଣ୍ଡାର ପାର୍ କରାଯାଇ ମଣ୍ଡାଣିବାଡ଼ ଆଶ୍ରୟସ୍ଥଳୀକୁ ସୁରକ୍ଷିତ ରନ୍ଧାଯାଇଛି । ବିପଦ ସମୟରେ ପ୍ରଶାସନ ଓ ଉଦ୍ଧାରକାରୀ ଦଳର ଏହି ତତ୍ପରତାକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

କୃଷକଙ୍କ ହିତସାଧନ ଓ ଆୟବୃଦ୍ଧି ନିମନ୍ତେ ବିଭାଗୀୟ ସମନ୍ୱୟ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ନବରଙ୍ଗପୁର, ୨୦/୧୧ (ଆ.ପ୍ର) : ଭାରତ ସରକାରଙ୍କ 'ସବକାଲ-ସେ-ସମୃଦ୍ଧି' ଦୃଷ୍ଟିକୋଣ ଅନ୍ତର୍ଗତ ସମବାୟ କ୍ଷେତ୍ରର ବିଜିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ନିମନ୍ତେ ଜିଲ୍ଲା ସମନ୍ୱୟ ଉନ୍ନୟନ କମିଟିର ଷଷ୍ଠ ବୈଠକ ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ସହ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳମ୍ବୀ ଓ ସକ୍ଷମ ସଂସ୍ଥା ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାର ବୃହତ୍ ବହୁମୁଖୀ ସମବାୟ ସମିତିଗୁଡ଼ିକର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଓ ଡିଡିଏଚଇ ମାଧ୍ୟମରେ ନୂତନ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିବା ସହ କୃଷକମାନଙ୍କୁ ବିଜିନ୍ନ ସେବା, ଭିତ୍ତିଭୂମି, ଜୀବିକା ଓ ଆର୍ଥିକ ସୁବିଧା ଯୋଗାଇବା ଉ

ତ୍ରିସପ୍ତାହିକ
ଆରମ୍ଭ
SEITHO ARAMBHA
ଶନିବାର, ୨୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮





୩୨ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣିଲେ ରାହୁଲ ଓ ଜୈସ୍ୱାଲ



ନୂଆଦିଲ୍ଲୀ, ୨୦/୧୧(ନ୍ୟୁ.ଏ): ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଘରୋଇ ଟିମ ଉପରେ ଚାପ ପକାଇବାରେ ବିପକ୍ଷ ହୋଇଥିଲେ ଭାରତୀୟ ବୋଲର। ପ୍ରାରମ୍ଭିକ ସୁଯୋଗର ପାଇଦା ନେଇ ଭାରତୀୟ ବୋଲର ଜଠାଇ ନ ପାରିଥିବାରୁ ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲ ଅନେକ ପ୍ରଶ୍ନର ଶିକାର ହୋଇଥିଲେ। ହେଲେ ଏହାର ୨୪ ଘଂଟା ପରେ ଭାରତ ପାଇଁ ଗେମିଚେଞ୍ଜର କରିବାର ସୁଯୋଗ ସୃଷ୍ଟି ହୋଇଛି। ଭାରତ ବ୍ୟାଟିଂରେ ଚାହୁଁଥିବା ଆରମ୍ଭ ଦେବାକୁ ସକ୍ଷମ ହୋଇଛନ୍ତି ଦନର ପୁର ଓପନର ଯଶସ୍ୱୀ ଜୈସ୍ୱାଲ ଓ କେଏଲ ରାହୁଲ। ପ୍ରଥମ ଦିନରେ ଏକଦା ୭୦/୫ ସ୍ଥିତିରେ ଥିବା ଘରୋଇ ଟିମ ପ୍ରଥମ ଇନିଂସରେ ୩୬୮ ରନ କରିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ ଦିନରେ ନ୍ୟୁଜିଲ୍ୟାଣ୍ଡ ଅଲଆଉଟ ହୋଇଥିଲେ ଯେଁ ହେନରୀ ନିକୋଲସ ଅପରାଜିତ ୧୨୫ ରନ ଓ ଗ୍ଲେନ ଫିଲିପ୍ସ ଖେଳିଛନ୍ତି ୧୧୮ ରନର ଇନିଂସ। ଉତ୍ତରୟ ୬୩ ଓ୍ୱିକେଟ ପାଇଁ ୨୧୬ ରନ ଯୋଡ଼ିବାରୁ ନ୍ୟୁଜିଲ୍ୟାଣ୍ଡ ୩୬୮ ରନ କରି ନେଇଛି। ଭାରତ ପାଇଁ ଯଶପ୍ରୀତ ବୁମ୍ରା ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଆକାଶ ଦୀପ ୩ଟି, ଅଂଶୁଲ କମ୍ବୋଜ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣଙ୍କୁ ମିଳିଛି ଗୋଟିଏ ସଫଳତା। ନ୍ୟୁଜିଲ୍ୟାଣ୍ଡ ୩୬୮ ରନରେ ଅଟକିବା ପରେ ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ ଜୈସ୍ୱାଲ ଓ ରାହୁଲ। ମ୍ୟାଚ ହେନରୀ ଓ ଜାଇଲ ଜାମିସନଙ୍କ ସୁଇଂକୁ ଉତ୍ତୟ ଦମଦାର ଢଙ୍ଗରେ ମୁକାବିଲା କରିଥିଲେ। ପ୍ରଥମ ୱିକେଟ ପାଇଁ ଉଭୟ ୧୩୦ ରନ ଯୋଡ଼ି ଭାରତକୁ ଦେଇଥିଲେ ଦମଦାର ଷ୍ଟାର୍ଟ। ଏହି ଲାଭିଦାରୀ ସହ ୩୨ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୩୨ ବର୍ଷ ମଧ୍ୟରେ ଭାରତୀୟ ଓପନିଂ ଯୋଡ଼ି କେତେ ବି ନ୍ୟୁଜିଲ୍ୟାଣ୍ଡ ମାଟିରେ ୧୦୦ ରନ କରିପାରି ନଥିଲେ। ହେଲେ ଷ୍ଟେଜିଙ୍ଗଟନ ଟେଷ୍ଟରେ ରାହୁଲ ଓ ଜୈସ୍ୱାଲ ଏହି ଅପେକ୍ଷାର ଅନ୍ତ ଘଟାଇଛନ୍ତି। ଜୈସ୍ୱାଲ ଦ୍ୱିତୀୟ ଦିନରେ ଭାରତର ଏକମାତ୍ର ବ୍ୟାଟର ଭାବେ ୮୯ ବଲରେ ୮୫ ରନ କରି ଆଉଟ ହୋଇଛନ୍ତି। ରାହୁଲ ୫୨ ରନ ଓ ଦେବଦତ ପାଡିକ୍କଲ ୩୫ ଅପରାରୁଣ ଦେବକୁ ୧୬ ରନ କରି ଅପରାଜିତ ରହିଥିଲେ। ଭାରତ ଆଜି ୩୯ ଓଭର ବ୍ୟାଟିଂ କରି କେବଳ ଗୋଟିଏ ୱିକେଟ ହରାଇ ୧୫୯ ରନ କରି ନେଇଛି। ଭାରତ ପାଇଁ ଆଜି ବ୍ୟାଟିଂ ଆରମ୍ଭ ଆଗେ ସହଜ ନଥିଲା। ହେନରୀ ଓ ଜାମିସନ ନୂଆ ବଲରେ ସୁଇଂ ହାସଲ କରିଥିଲେ। ସେମାନଙ୍କ ଘାତକ ବୋଲିଂ ଯୋଗୁ ୨୬ଟି ବଲ ପରେ ହିଁ ଭ୍ରମଣକାରୀ ଭାରତର ଖାତା ଖୋଲିଥିଲା। ଉଭୟ ରାହୁଲ ଓ ଜୈସ୍ୱାଲ ବାଉଣ୍ଡାରୀ ଦିଟ୍ ହୋଇଥିଲେ ଯେଁ ୱିକେଟ ଦେଇ ନଥିଲେ। ଧୈର୍ଯ୍ୟ ଓ ନିଜ ଦକ୍ଷତାରୁ ଉତ୍ତୟ ଗୁରୁତ୍ୱ ଦେଇ ପିଚ୍‌ରେ ଜଡ଼ିତ ହୋଇଥିଲେ। ବଳ ଶୁଭ୍ର ହେବା ବନ୍ଦ କରିବା ପରେ ଉତ୍ତୟ ରନ ହାସଲ କରିବା ସହ ଦ୍ରୁତ ଗତିରେ ରନ ଙ୍ଗପ୍ତ କରିଥିଲେ। ଜୈସ୍ୱାଲ ଅର୍ଦ୍ଧଶତକ ହାସଲ କରିବା ପରେ ଗୋଟିଏ ପରେ ଗୋଟିଏ ବାଉଣ୍ଡାରୀ ମାରିଥିଲେ। ସେ ଶତକ ଆଡ଼କୁ ଯାଉଥିବା ବେଳେ ହେନରୀଙ୍କ ବଲରେ ହ୍ୟାଟ୍ ଆଉଟ ହୋଇ ଯାଇଥିଲେ। ହେଲେ ସେତେବେଳକୁ ଭାରତ ଦୃଢ଼ ଆରମ୍ଭ ପାଇ ସାରିଥିଲା। କାରଣ ପ୍ରଥମ ୱିକେଟ ପାଇଁ ଜୈସ୍ୱାଲ ଓ ରାହୁଲ ୧୩୦ ରନ ଯୋଡ଼ିଥିଲେ। ଶେଷ ଅଲ ପାଇଁ ନ୍ୟୁଜିଲ୍ୟାଣ୍ଡ ମାଟିରେ ଭାରତୀୟ ଓପନିଂ ଯୋଡ଼ି ୧୦୦ ରନ କରିବା ୧୯୯୪ ମସିହାରେ ଦେଖିବାକୁ ମିଳିଥିଲା। ହାମିଲଟନରେ ନଦଲୋଚ ସିଦ୍ଧୁ ଓ ନୟନ ମୋଙ୍ଗିଆ ଏହି ଜୀତିମାନ ହାସଲ କରିଥିଲେ। ଏବେ ୩୨ ବର୍ଷ ପରେ ରାହୁଲ ଓ ଜୈସ୍ୱାଲ ପୁଣି ୧୦୦ ବିୟା ତା' ଠାରୁ ଅଧିକ ରନର ଲାଭିଦାରୀ କରିଛନ୍ତି।

ଭାରତ ଦ୍ୱିତୀୟ ଦିନରେ ୧୫୯ ରନ କରିଥିବେ ହେଁ ଏବେ ବି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ୨୦୯ ରନ ପଛରେ ରହିଛି। ତେଣୁ ତୃତୀୟ ଦିନରେ ଭାରତକୁ ଆହୁରି ଭଲ ବ୍ୟାଟିଂ କରିବାକୁ ପଡ଼ିବ। ଭାରତର ବ୍ୟାଟିଂ ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ଆଜି ୨୪୩/୫ରୁ ନିଜର ଇନିଂସ ଆଗକୁ ନେଇଥିଲା। ପ୍ରଥମ ଦିନରେ ୯୪ ରନ କରିଥିବା ଫିଲିପ୍ସ ଆଜି ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ତେବେ ସେ ୧୧୮ ରନ କରିଥିବା ବେଳେ ଆକାଶ ଦୀପ ତାଙ୍କୁ ବୋଲ୍ଡ କରି ୬୩ ଟ୍ରିକେଟ ପାଇଁ ସୃଷ୍ଟି ହୋଇଥିବା ୨୧୬ ରନର ଭାଗିଦାରୀରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ନାଥନ ସ୍ମିଥ୍(୧୪) ଓ ଜାଇଲ ଜାମିସନ(୧୧) ମଧ୍ୟ ଦେଖା ଦିଇ ଭରିପାରି ନଥିଲେ। ଏଥାପରେ ବୁମ୍ରା ୧ ରନ କରିଥିବା ହେନରୀଙ୍କୁ ପାଭିଲିୟନ ପଠାଇଥିଲେ। ଗୋଟିଏ ପଟେ ୱିକେଟ ଝଡ଼ ଥିବା ବେଳେ ଓଡକାଇ ୧୧୩ ରନ କରିଥିବା ନିକୋଲସ ସେମିଟି ଖ୍ଟ ଇଚ୍ଚି ଛିଡ଼ା ହୋଇଥିଲେ। ସେ ଆଜି ପୁଣି ଭାରତୀୟ ବୋଲରଙ୍କୁ ଘାଇଲା କରି ୧୫୦ ରନ ପୂରଣ କରିଥିଲେ। ଏଥିସହ ସେ ନିଜର ଦୁଇ ଶତକ ଆଡ଼କୁ ମଧ୍ୟ ବଢ଼ିଥିଲେ। ତେବେ ସେ ୧୬୫ ରନ କରିଥିବା ବେଳେ ଏପଟେ ଷ୍ଟାଇକକୁ ଆସିଥିଲେ ଜ୍ୟାକବ ଡଫି। ସେ ୧୧ ବଲରେ ୪ ରନ ମଧ୍ୟ ଜଗି ନେଇଥିଲେ। କିନ୍ତୁ ୧୨୧ତମ ଓଭରର ଶେଷ ବଲରେ ଜ୍ୟୋକ ତାଙ୍କୁ ୱିକେଟ ଜିପର ଉଖର ପନ୍ତଙ୍କ ହାତରେ କ୍ୟାଚ ଆଉଟ କରାଇ ନ୍ୟୁଜିଲ୍ୟାଣ୍ଡ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ନିକୋଲସ ୩୩୩ ବଲରେ ୧୬୫ ରନ କରି ଅପରାଜିତ ରହି ନିଜର ଅଭିଯାନ ଶେଷ କରିଛନ୍ତି।

୨ ବର୍ଷ ପରେ ଟେଷ୍ଟ ସିରିଜର ବିଜୟ ସ୍ୱାଦ ଚାଖିଲା ପାକିସ୍ତାନ



ନୂଆଦିଲ୍ଲୀ, ୨୦/୧୧(ନ୍ୟୁ.ଏ): ଦୀର୍ଘ ୨ ବର୍ଷ ଧରି ପାକିସ୍ତାନ କରିଥିବା ଅପେକ୍ଷାର ଅନ୍ତ ହୋଇଛି। ୨ ବର୍ଷ ପରେ ପାକିସ୍ତାନ କୌଣସି ଟେଷ୍ଟ ସିରିଜ ବିଜୟର ସ୍ୱାଦ ପାଇଛି। ଆଜି ଘରୋଇ ମାଟିରେ ଶ୍ରୀଲଙ୍କାକୁ ପାକିସ୍ତାନ ୮ ୱିକେଟରେ ହରାଇବାକୁ ସକ୍ଷମ ହୋଇଛି। ଏହି ବିଜୟ ସହ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜକୁ ପାକିସ୍ତାନ ୧-୦ରେ ଜିତି ନେଇଛି। ପ୍ରଥମ ମ୍ୟାଚ୍ ଡ୍ର ଉଇଥିଲା। ହେଲେ ଦ୍ୱିତୀୟ ମ୍ୟାଚରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ପାକିସ୍ତାନକୁ ଏହାକୁ ଜିତିବା ପାଇଁ ମିଳିଥିଲା ୮୯ ରନର ଟାର୍ଗେଟ। ଏହାକୁ ପାକିସ୍ତାନ ୪ର୍ଥ ଦିନର ପ୍ରଥମ ସେସନରେ ହିଁ ୨ ୱିକେଟ ହରାଇ ୧୩ ଓଭରରେ ହାସଲ କରି ନେଇଛି। ପାକିସ୍ତାନ ୨ ବର୍ଷ ପରେ ଟେଷ୍ଟ ସିରିଜ ବିଜୟ ପାଇଥିରେ ହେଁ ଦଳକୁ ଏହାର ବିଶେଷ ଫାଇଦା ମିଳିନାହିଁ। କାରଣ ଏବେ ବି ପାକିସ୍ତାନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଂଟ ଟେବୁଲର ସବୁଠାରୁ ତଳେ ରହିଛି। ତଳ ଏଆଏ ୧୧ଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ୩ଟିରେ ଜିତି ପାରିଛି। ଶ୍ରୀଲଙ୍କା ୮ଟି ମ୍ୟାଚ୍‌ରୁ ଗୋଟିଏରେ ଜିତି ୮ ନମ୍ବରରେ ଅଛି। ଉଭୟ ତଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରୁ ବାଦ ପଡ଼ିଯିବାରୁ ଆଜିର ରେଜଲ୍ଟ କାହା ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତଥାପି ୨ ବର୍ଷ ପରେ ପାକିସ୍ତାନ ଟେଷ୍ଟ ସିରିଜ ଜିତିଥିବାରୁ ଦେଶ ଉତ୍ସାହିତ ହୋଇ ପଡ଼ିଛି। ପାକିସ୍ତାନକୁ ମିଳିଥିବା ୮୯ ରନର ଟାର୍ଗେଟ ମଧ୍ୟରୁ ଆମୀର ଜମାଲ ୨୨ ବଲରେ ବଲରେ ଖେଳିଛନ୍ତି ଅପରାଜିତ ୩୪ ରନର ଇନିଂସ। ୪ ନମ୍ବରରେ ପଦୋନ୍ନତି ପାଇ ବ୍ୟାଟିଂ କରିବାକୁ ଆସିଥିବା ଏହି ଅଲରାଉଣ୍ଡରଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୫ଟି ଚୌକା ଓ ଗୋଟିଏ ଛକା। ସେହିପରି ଓପନର ଆକାନ ଅବ୍ଦିଲ ଅପରାଜିତ ୩୨ ରନ କରି ପାକିସ୍ତାନକୁ ବିଜୟ ଭେଟି ଦେଇଛନ୍ତି। ପ୍ରଥମ ଇନିଂସରେ ଶ୍ରୀଲଙ୍କା କେବଳ ୯୮ ରନ କରିଥିଲା। ଏହାର ଜବାବରେ ପାକିସ୍ତାନ ୩୨୫ ରନ କରି ନେଇଥିଲା। ୨୨୭ ରନର ଲିଡ୍ ପାଇଥିବା ପାକିସ୍ତାନକୁ ଶ୍ରୀଲଙ୍କା ଜବାବ ଦେବା ସହ ଦ୍ୱିତୀୟ ଇନିଂସରେ ୩୧୬ ରନ କରିଥିଲା। କିନ୍ତୁ ପ୍ରଥମ ଇନିଂସ ବିପର୍ଯ୍ୟୟ ଯୋଗୁ ପାକିସ୍ତାନ ଆଗରେ ଶ୍ରୀଲଙ୍କା କେବଳ ୮୯ ରନର ଟାର୍ଗେଟ ସେଟ୍ କରିପାରିଥିଲା। ଆଉ ଏହାକୁ ପାକିସ୍ତାନ ୨୦୫ ରନ ସହଜରେ ହାସଲ କରି ନେଇଛି। ଶ୍ରୀଲଙ୍କା ବିପକ୍ଷ ୨ଟି ଯାକ ଟେଷ୍ଟରେ ୮ ୱିକେଟ ପାଇଥିବା ମହମ୍ମଦ ଆବାସଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଦ୍ୱିତୀୟ ମ୍ୟାଚରେ ସେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ଜିତିଛନ୍ତି। ଭାରତ ଉତ୍ତୟ ଇନିଂସରେ ୧୫ ରନ ହାସଲ କରିଥିବେ ଶୀଟି ଲେଖାଏ ୱିକେଟ।

ହର୍ମୁଜରେ ଭାରତ ପାଇଁ ଚିନ୍ତାଜନକ ଖବର, ବିପଦରେ ୯ ଜାହାଜ



ନୂଆଦିଲ୍ଲୀ: ହର୍ମୁଜ ପ୍ରଣାଳୀ ନିକଟରେ ଭାରତୀୟ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି। ଏହି ଅଂଚଳରେ ଭାରତୀୟ ପତାକା ବହନ କରୁଥିବା ନଅଟି ଜାହାଜ ଉପରେ ଜଡ଼ା ନଜର ରଖାଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସାମୁଦ୍ରିକ ଅଂଚଳରେ ଭାର୍ଯ୍ୟଜନ୍ୟ ଉପରେ ଜଡ଼ା ନଜର ରଖିବା। ସୁରକ୍ଷା ସାକ୍ଷାତ୍କାର ଦେଖାବଳୀ ଓ ପରାମର୍ଶ ସମ୍ପର୍କରେ ଜାହାଜଗୁଡ଼ିକୁ ପ୍ରଦାନ କରିବା। ଜାହାଜ କ୍ୟାପ୍ଟେନ ଓ ଜାହାଜ ପରିଚାଳକଙ୍କ ସହିତ ନିୟମିତ ଯୋଗାଯୋଗ ବଜାୟ ରଖିବା। ସମ୍ଭାବ୍ୟ ବିପଦ ଓ ସେଗୁଡ଼ିକୁ ଛାଡିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସେ ସମୟରେ ନଜର ରଖିବା ସାମୁଦ୍ରିକ କ୍ଷେତ୍ରରେ ନଜର ରଖିବା ଓ ସୁରକ୍ଷା ସାକ୍ଷାତ୍କାର ସୂଚନାକୁ ସମୟୋଚିତ ଆଦାନପ୍ରଦାନ ସୁନିଶ୍ଚିତ କରିବାକୁ ସାମୁଦ୍ରିକ ପ୍ରଣାସନ ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୋନୋୱାଲ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ମଧ୍ୟରେ ସମୟବଦ୍ଧାଙ୍କ ଓ ଦୂର୍ବଳ ସାମୁଦ୍ରିକ ଅଂଚଳରେ ଭାର୍ଯ୍ୟଜନ୍ୟତା ଉପରେ ଜଡ଼ା ନଜର ରଖିବା। ସୁରକ୍ଷା ସାକ୍ଷାତ୍କାର ଦେଖାବଳୀ ଓ ପରାମର୍ଶ ସମ୍ପର୍କରେ ଜାହାଜଗୁଡ଼ିକୁ ପ୍ରଦାନ କରିବା। ଜାହାଜ କ୍ୟାପ୍ଟେନ ଓ ଜାହାଜ ପରିଚାଳକଙ୍କ ସହିତ ନିୟମିତ ଯୋଗାଯୋଗ ବଜାୟ ରଖିବା। ସମ୍ଭାବ୍ୟ ବିପଦ ଓ ସେଗୁଡ଼ିକୁ ଛାଡିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସେ ସମୟରେ ନଜର ରଖିବା ସାମୁଦ୍ରିକ କ୍ଷେତ୍ରରେ ନଜର ରଖିବା ଓ ସୁରକ୍ଷା ସାକ୍ଷାତ୍କାର ସୂଚନାକୁ ସମୟୋଚିତ ଆଦାନପ୍ରଦାନ ସୁନିଶ୍ଚିତ କରିବାକୁ ସାମୁଦ୍ରିକ ପ୍ରଣାସନ ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୋନୋୱାଲ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଂଚଳରେ ଭାରତୀୟ ପତାକା ବହନ କରୁଥିବା ନଅଟି ଜାହାଜ ଉପରେ ଜଡ଼ା ନଜର ରଖାଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ